CMYK

- Vol.- 45, Issue No. 96
- Sunday, 6 July 2025
- ରବିବାର, ୬ ଜୁଲାଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




## ରୋଗୀ ନୁହେଁ, ଆମ୍ବୁଲାନ୍ସ ବୋହିଲା ଯାତ୍ରୀ !

ପୁରୀ,୫ ।୭ : ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ। ରାସ୍ତାଘାଟ ସବୁ ଜାମ୍ ଥିବା ବେଳେ ପୁରୀ ଡାକ୍ତରଖାନାରେ ପହଞ୍ଚିଥିଲା ଏକ ଆମ୍ବୁଲାନ୍ସ । ଏହି ଆମ୍ବୁଲାନ୍ସରେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଅଣାଯାଇଥିବା ମନେ କରାଯାଇଥିଲେ ବି ସେଥିରୁ ରୋଗୀ ବାହାରି ନ ଥିଲେ । ଅଧିକନ୍ତୁ ତାହା ମଧ୍ୟରେ ଥିଲେ ଏକାଧିକ ବ୍ୟକ୍ତି । ଜଣେ ମହିଳା ମଧ ବାହାରିଥିଲେ । ସେମାନଙ୍କ ବେକରେ ପରିଚୟ ପତ୍ର ଅବା ପାସ୍ ଝୁଲୁଥିବା ଦେଖାଯାଇଥିଲା। ସେମାନେ ସରକାରୀ ଅଧିକାରୀ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଇଛି । ପୁରୀ ରଥଯାତ୍ରା ସମୟରେ ଭିଡ଼ ଭିତରେ କାହାର କିଛି ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ତାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ ରଖାଯାଇଛି । ହେଲେ ଏଠି ଆମ୍ବୁଲାନ୍ସଟି ରୋଗୀ ନୁହେଁ ଯାତ୍ରୀ ବୋହୁଥିବା ନେଇ ଗଣମାଧ୍ୟମରେ ଚିତ୍ର ପ୍ରସାରିତ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଏକ ସୂତ୍ରରୁ ପ୍ରକାଶ।

# ଭକ୍ତିରେ ଭିଜିଲା ଶ୍ରୀକ୍ଷେତ୍ର

- ବାହୁଡ଼ିଲେ ମହାବାହୁ: ସିଂହଦ୍ୱାରରେ ତିନିରଥ
- ସଅଳ ହେଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିବିଜେ ଓ ଛେରା ପହଁରା
- ଶ୍ରୀନଅର ସମ୍ମୁଖରେ ସଂପନ୍ନ ହେଲା ଲକ୍ଷ୍ମୀ-ନାରାୟଣ ଭେଟ
- ରାତି ତମାମ ଶ୍ରୀଜିଉଙ୍କ ଦର୍ଶନ, ଗୀତଗୋବିନ୍ଦ ଗାଇଲେ ସେବାୟତ

ପୁରୀ,୫ ।୭ : ଆଜି ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସମାଗମ । କାରଣ ଶ୍ରୀଜିଉଙ୍କ ବିଶ୍ୱପ୍ରସିଦ୍ଧ ବାହୁଡ଼ା ଯାତ୍ରା। ଦାରୁବିଗ୍ରହ ଜନ୍ମବେଦୀରେ ଲୀଳାଖେଳା ସାରି ଶନିବାର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ବଡ ଠାକୁର ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା ଅପରାହ୍ଣ ପ୍ରାୟ ୩ ଟା ବେଳେ ଆରମ୍ଭ ହୋଇଥିଲା । ରଥଟଣା ବେଳେ ହରିବୋଲ,ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଚାରିଆଡ ପ୍ରକମ୍ପିତ ହୋଇଛି। ଭକ୍ତସମୁଦ୍ର ବିଭୋର ଓ ପୁଲକିତ ହୋଇଉଠିଛନ୍ତି। ପ୍ରାୟ ୧୦ ଲକ୍ଷ ଭକ୍ତଙ୍କ ସମାଗମ ହୋଇଛି । ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିବିଜେ ଓ ଛେରା ପହଁରା ସଅଳ ସଂପନ୍ନ ହୋଇଥିଲା । ଭାବର ଠାକୁରଙ୍କ ପାଇଁ ଭକ୍ତିରେ ଭିଜିଥିଲା ଶ୍ରୀକ୍ଷେତ୍ର। ବାହୁଡ଼ା ବେଳେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି କୃତ୍ୟକୃତ୍ୟ ହୋଇଥିଲେ ଭକ୍ତପ୍ରାଣ । ନୃତ୍ୟ ସଂକୀର୍ତ୍ତନ ସହ ଭକ୍ତିରସରେ ବିଭୋର ହୋଇଥିଲେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। କିଏ ଭଜନ ଜଣାଣରେ ତଲ୍ଲୀନ ତ ପୁଣି କିଏ ନୃତ୍ୟଗୀତରେ। ଜନସମୁଦ୍ରରେ ଜଗତଠାକୁରଙ୍କ



ବାହୁଡ଼ା ଯାତ୍ରା ସଂପନ୍ନ ବେଳେ ବଡ଼ଦାଣ୍ଡରେ ଭାବର ଲହଡ଼ି...ଭକ୍ତିର ଉଜାଣି.ଦେଖିବାକୁ ମିଳିଥିଲା। ବାହୁଡ଼ା ଯାତ୍ରା ସମୟରେ ମାଉସୀ ମା' ମନ୍ଦିରରେ ପୋଡ଼ ପିଠା ଖାଇଥିଲେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା, ଆଉ ମହାପ୍ରଭୁ ଜଗନ୍ନାଥ । ମାଉସୀ ଘରୁ ପୋଡ଼ ପିଠା ଖାଇବାର ପରମ୍ପରା ଶେଷ କରି ପୁଣି ବଡ଼ଦାଣ୍ଡ ଅଭିମୁଖେ ବାହାରିଥିଲେ ୩ ରଥ । ମାଉସୀ ମା' ମନ୍ଦିର ପୁରୀ ବଡ଼ଦାଣ୍ଡରେ ଜଗନ୍ନାଥ ମନ୍ଦିର ଆଡ଼କୁ ଯିବାବେଳେ ବଳଗଣ୍ଡି ପାଖରେ ବାମପଟେ ଅବସ୍ଥିତ । ଏଠାର ଅଧିଷ୍ଠାତ୍ରୀ ଦେବୀ ମାଉସୀ ମା' (ଅର୍ଦ୍ଧାଶନୀ) ଜଗନ୍ନାଥଙ୍କ ମାଉସୀ ଭାବରେ ଜଣାଶୁଣା । ଆଗେ ଆଗେ ଆସି ସିଂହଦ୍ୱାରରେ ଲାଗିଥିଲା ତାଳଧ୍ୱଜ ରଥ। ପରେ ମା' ସୁଭଦ୍ରାଙ୍କ ଦର୍ପଦଳନ ଆସି ସିଂହଦ୍ୱାରରେ ପହଞ୍ଚିଥିଲା। ପଛରେ ଗହଳି ଲଗାଇ କାଳିଆ ସାଆନ୍ତ ଆସିଥିଲେ। ଶ୍ରୀନଅର ସମ୍ମୁଖରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ଦିବ୍ୟସିଂହ ଦେବ ଲକ୍ଷ୍ମୀ-ନାରାୟଣ ଭେଟ ସଂପନ୍ନ କରାଇଥିଲେ । ପରେ ସିଂହଦ୍ୱାରରେ ରାତି ସାଢ଼େ ୯ଟାରେ ନନ୍ଦିଘୋଷ ପହଞ୍ଚିଥିଲା। ରାତିତମାମ ତିନିରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ସୂଚନାଯୋଗ୍ୟ, ଧାର୍ଯ୍ୟ ସମୟଠାରୁ ପ୍ରାୟ ୧ ଘଣ୍ଟା ଆଗରୁ ରଥଟଣା ହୋଇଥିଲା। ଅନ୍ୟପକ୍ଷେ ବାହୁଡ଼ା ଯାତ୍ରା ପାଇଁ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୨ଶହ ପ୍ଲାଟୁନ ପୋଲିସ ଫୋର୍ସ ସହ ଅଭିଜ୍ଞ ଅଫିସର ମୁତୟନ ଅଛନ୍ତି। ଟ୍ରାଫିକ ଡ୍ୟୁଟିରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଜଳ, ସ୍ଥଳ ଓ ଆକାଶମାର୍ଗ ସବୁଠି ରହିଛି କଡ଼ା ନଜର । ତିନିରଥ ସିଂହଦ୍ୱାରରେ ପହଞ୍ଚିବା ପରେ ଭକ୍ତଙ୍କ ଗହଳି ଜମିଥିଲା । ସେବାୟତମାନେ ରଥ ସମ୍ମୁଖରେ ଗୀତଗୋବିନ୍ଦ ତନ୍ମୟତାର ସହ ଗାନ କରିଥିଲେ । ବହୁ ଭକ୍ତ ରାତିସାରା ଭଜନ, କୀର୍ତ୍ତନରେ ନିମଗ୍ନ ଥିଲେ। ରଥ ଉପରେ ତିନି ଠାକୁରଙ୍କ ରାଜରାଜେଶ୍ୱର ବେଶ ବା ସୁନାବେଶ ରବିବାର ଅପରାହ୍ଣରେ ଅନୁଷ୍ଠିତ ହେବ ।

## ଲଘୁଚାପ ସୃଷ୍ଟି ସମ୍ଭାବନା



ପୁରୀ,୫ ।୭ : ସାରା ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ଆଖପାଖରେ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଛି ।ରବିବାର ବିଭିନ୍ନ ଜିଲାକୁ ବର୍ଷା ଓ ବଜ୍ରପାତ ନେଇ ସତର୍କ କରାଯାଇଛି। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାରେ ପବନର ବେଗ ୩୦-୪୦ କିମି ରହିବ ।

## ୩ ବ୍ୟାଙ୍କ ଉପରୁ ହଟିଲା କଟକଣା




ଭୁବନେଶ୍ୱର,୫ ।୭ : ରାଜ୍ୟ ସରକାର ଏଚଡିଏଫସି,ଆଇସିଆଇସିଆଇ ଓ ଆକ୍ସିସ ବ୍ୟାଙ୍କ ଉପରୁ ଶନିବାର କଟକଣା ହଟାଇଛନ୍ତି । ଏନେଇ ଅର୍ଥ ସଚିବ ସବୁ ବିଭାଗୀୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଏଚଡିଏଫସି, ଆଇସିଆଇସିଆଇ , ଆକ୍ସିସ ବ୍ୟାଙ୍କରୁ ପୂର୍ବପରି ରାଜ୍ୟ ସରକାର ବ୍ୟାଙ୍କ ସମ୍ପର୍କିତ ସବୁ କାମ ରହିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି ।୩ ବ୍ୟାଙ୍କ କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ଏଚଡିଏଫସି, ଆଇସିଆଇସିଆଇ, ଆକ୍ସିସ ବ୍ୟାଙ୍କ ଉପରେ ଲାଗିଥିବା କଟକଣାକୁ ରାଜ୍ୟ ସରକାର ହଟାଇ ଦେଇଛନ୍ତି।

## ୭ରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫ ।୭ : ଆସନ୍ତା ୭ ତାରିଖ (ସୋମବାର) ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତମାସ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ ।ସୂଚନାଯୋଗ୍ୟ, ଜୁନ୍ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ଜନ ଶୁଣାଣି ପାଇଁ ଉପସ୍ଥିତ ରହିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଉଦ୍ଧବ-ରାଜ ଗୋଟିଏ ମଞ୍ଚରେ

## ଆଗକୁ ବି ଏକାଠି ରହିବୁ: ଉଦ୍ଧବ



ମୁମ୍ବାଇ,୫ ।୭ : ବହୁ ବର୍ଷ ପରେ ଶନିବାର ମହାରାଷ୍ଟ୍ରରେ ଏକ ନୂତନ ରାଜନୈତିକ ଚିତ୍ର ଦେଖାଯାଇଛି। ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଏବଂ ଏମଏନଏସ ମୁଖ୍ୟ ରାଜ ଠାକରେଙ୍କୁ ୨୦ ବର୍ଷ ପରେ ଗୋଟିଏ ମଞ୍ଚରେ ଏକାଠି ଦେଖିବାକୁ ମିଳିଛି। ଉଭୟ ବିଜୟ ରାଲିରେ ଅଂଶ ଗ୍ରହଣ ପୂର୍ବକ ହାତ ମିଳେଇଛନ୍ତି । ମରାଠୀ ଭାଷା ପାଇଁ, ଉଭୟ ସମସ୍ତ ରାଗରୁଷା ଭୁଲିଛନ୍ତି। ମହାରାଷ୍ଟ୍ରରେ ଭାଷା ବିବାଦ ଉପୁଜିବା ପରେଏହି ରାଲି ବାହାର କରାଯାଇଥିଲା ।ଏହା ପୂର୍ବରୁ, ନିର୍ବାଚନ ପ୍ରଚାର ସମୟରେ ଉଭୟଙ୍କୁ ଶେଷ ଥର ପାଇଁ ୨୦୦୫ ମସିହାରେ ଗୋଟିଏ ମଞ୍ଚରେ ଏକାଠି ଦେଖାଯାଇଥିଲା। ସେହି ବର୍ଷ ରାଜ ଠାକରେ ଦଳରୁ ଇସ୍ତଫା ଦେଇଥିଲେ ।ଉଦ୍ଧବ ଠାକରେ କହିଛନ୍ତି, ବହୁ ବର୍ଷ ପରେ, ରାଜ ଠାକରେ ଏବଂ ମୁଁ ଗୋଟିଏ ମଞ୍ଚରେ ଅଛୁ। ଆମ ଉଭୟଙ୍କ ପାଇଁ ଭାଷଣ ଅପେକ୍ଷା ଏକାଠି ଦେଖାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏବେ ଆମେ ଏକ ହୋଇଗଲୁ, ଆଗକୁ ଏକାଠି ରହିବୁ। ବିଜେପିକୁ ନିଶାଣ କରି ସେ କହିଛନ୍ତି, ବିଜେପି ଗୁଜବର କାରଖାନା। ବର୍ତ୍ତମାନ କୌଣସି ନିର୍ବାଚନ ନାହିଁ, ବାଲ ଠାକରେ ଆମକୁ କହିଥିଲେ ଯେ, ଶକ୍ତି ଆସେ ଏବଂ ଯାଏ, କିନ୍ତୁ ଆମର ଶକ୍ତି ଏକାଠି ରହିବାରେ ହେବା ଉଚିତ। ସେହିପରି ରାଜ ଠାକରେ କହିଥିଲେ, ମୁଁ ମୋର ଏକ ସାକ୍ଷାତକାରରେ କହିଥିଲି ଯେ ମୋର ମହାରାଷ୍ଟ୍ର ଯେକୌଣସି ରାଜନୀତି ଏବଂ ଲଢ଼େଇ ଅପେକ୍ଷା ବଡ଼। ଆଜି ୨୦ ବର୍ଷ ପରେ, ମୁଁ ଏବଂ ଉଦ୍ଧବ ଏକାଠି ହୋଇଛୁ। ବାଲାସାହେବ ଯାହା କରିପାରିଲେ ନାହିଁ, ଦେବେନ୍ଦ୍ର ଫଡନଭିସ ତାହା କରିଛନ୍ତି। ଯଦି କେହି ମହାରାଷ୍ଟ୍ର ଆଡ଼କୁ ଆଖି ଉଠାଇବେ, ତେବେ ଆମକୁ ସେମାନଙ୍କୁ ସାମ୍ନା କରିବାକୁ ପଡିବ।

ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଭୂମିପୂଜନରେ ଧର୍ମେନ୍ଦ୍ର ପ୍ରଧାନ

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ୭୫୦ କୋଟି ନିବେଶ

ସୁନାବେଡ଼ା/କୋରାପୁଟ/ଭୁବନେଶ୍ୱର,୫ ।୭(ନିପ୍ର)-କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ଅନୁଷ୍ଠାନ ନୁହେଁ ବରଂ କୋରାପୁଟ ଏବଂ ଜନଜାତି ଯୁବଶକ୍ତିଙ୍କ ପାଇଁ ସୁଯୋଗ ଓ ସମ୍ଭାବନାର ଏକ ନୂଆ ଦିଗନ୍ତ । ଭାରତ ସରକାର ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ତଥା ନବକଳେବର ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ନିବେଶ କରିଛନ୍ତି ବୋଲି ଶନିବାର ପବିତ୍ର 'ବାହୁଡ଼ା ଯାତ୍ରା' ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ)ରେ ଶୈକ୍ଷିକ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୪୮୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପଗୁଡ଼ିକ ପାଇଁ ଭୂମିପୂଜନ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅନେକ ସଂକଳ୍ପ ନେଇ ଆଗକୁ ବଢୁଛି । ଓଡ଼ିଶା ତଥା କୋରାପୁଟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ତଥା ଭିତ୍ତିଭୂମି ବିକାଶ ପାଇଁ ଶନିବାର ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହେବେ । ସେହିପରି ଓଡ଼ିଶାର ୬ଟି ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଐତିହାସିକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହେବା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ ।

ଦୁଇଚକିଆ ଚଳାଇବା ବେଳେ ସୁରକ୍ଷା

## ସାର୍ଟିଫାଏଡ ହେଲମେଟ୍ ପିନ୍ଧନ୍ତୁ

ଭୁବନେଶ୍ୱର, ୫ ।୭(ନିପ୍ର): ଜନସଂଖ୍ୟା ବୃଦ୍ଧି ସହ ଯାନବାହନ ସଂଖ୍ୟା ବଢିଛି ତା ସହ ବଢୁଛି ସଡକ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଧନହାନି ସହ ଦୁର୍ଲଭ ଜୀବନ ମଧ ଚାଲିଯାଉଛି। ଚଳାଇବା ବେଳେ ସୁରକ୍ଷା ପାଇଁ କେବଳ ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର କରିବାକୁ ହେବ। ଏପରିକି ବିଏସଆଇ ପ୍ରମାଣପତ୍ର ବିନା ହେଲମେଟ୍ ନିର୍ମାଣ କିମ୍ବା ବିକ୍ରୟ ବିରୁଦ୍ଧରେ

- ବ୍ୟବହାରକାରୀ କେୟାର ଆପ୍‌ରେ ଅଭିଯୋଗ ଆଣିପାରିବେ
- ନିର୍ଦ୍ଧାରିତ ପ୍ରମାଣପତ୍ର ବିନା ହେଲମେଟ୍ ନିର୍ମାଣ କିମ୍ବା ବିକ୍ରୟ ମନା

ତେବେ ବାଇକ ଦୁର୍ଘଟଣାରେ ମୃତ୍ୟୁକୁ ରୋକିବା ପାଇଁ କେନ୍ଦ୍ର ସରକାର ନେଇଛନ୍ତି ବଡ଼ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟକୁ ଚିଠି ଲେଖା ଯାଇ କୁହାଯାଇଛି ଯେ ଦୁଇଚକିଆ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ କୁହାଯାଇଛି । ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବା ଅନେକ ହେଲମେଟ୍ ବିଆଇଏସ୍ ପ୍ରମାଣପତ୍ର ବିନା ବିକ୍ରୀ ହେଉଛି। ତେଣୁ ଚଢ଼ାଉକୁ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ରାଜ୍ୟ ପରିବହନ ମନ୍ତ୍ରୀ କହିଛନ୍ତି ଆଗକୁ ଚଢ଼ାଉ



ଜୋରଦାର ହେବ। ଦେଶରେ ବର୍ତ୍ତମାନ ୨୧ କୋଟି ରୁ ଅଧିକ ଦୁଇ ଚକିଆ ଯାନ ଗଡୁଛି । ଅନେକ ଯାତ୍ରୀ ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର ନ କରି ରାସ୍ତା କଡରେ ମିଳୁଥିବା ଚାଲୁ ହେଲମେଟ୍ ବ୍ୟବହାର କରିବା ଦ୍ୱାରା ଦୁର୍ଘଟଣା ସମୟରେ ମୂଲ୍ୟବାନ ଜୀବନ ହରାଉଛନ୍ତି । ତେଣୁ ଗ୍ରାହକମାନଙ୍କ ପାଇଁ ସୁବିଧା ପାଇଁ ବିଏସ୍‌ଆଇ, ବିଏସଆଇ କେୟାର ଆପ୍ ଏବଂ ବିଏସଆଇ ପୋର୍ଟାଲରେ ଏକ ବ୍ୟବସ୍ଥା କରାଯାଇଛି। ଯାହା ଦ୍ୱାରା ହେଲମେଟ ନିର୍ମାତା ଲାଇସେନ୍ସପ୍ରାପ୍ତ କି ନାହିଁ ତାହା ଯାଂଚ କରାଯାଇପାରିବ ଏବଂ ବ୍ୟବହାରକାରୀ ବିଏସ୍‌ଆଇ କେୟାର ଆପ୍‌ରେ ଅଭିଯୋଗ ଦାଖଲ ମଧ୍ୟ କରିପାରିବେ।

CMYK

# ରଥ ଉପରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ

**ମହାପ୍ରଭୁଙ୍କ ସୁନା ବେଶ ସବୁଠାରୁ ଅନନ୍ୟ ଓ ଦୁର୍ଲ୍ଲଭ ବେଶ । ଶ୍ରୀମନ୍ଦିରର ରତ୍ନ ସିଂହାସନ ଉପରେ ମହାପ୍ରଭୁ ୪ ଥର ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଓ ଦଶହରା ଦିନ ସୁନା ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ବାହୁଡ଼ା ଏକାଦଶୀ ବା ହରି ଶୟନ ଏକାଦଶୀ ତିଥିରେ ରଥ ଉପରେ ମହାପ୍ରଭୁ ଯେଉଁ ସୁନା ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ତାହାକୁ ବ୍ରାହ୍ମଣଙ୍କ ଠାରୁ ଚଣ୍ଡାଳ ଆଉ ସ୍ଥାନୀୟ ଅଧିବାସୀଙ୍କ ଠାରୁ ଆରମ୍ଭ କରି ବିଦେଶୀ ଭକ୍ତମାନେ ଦର୍ଶନ କରି କୃତ୍ୟକୃତ୍ୟ ହୋଇଥାନ୍ତି।**





ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାନବୀୟ ଲୀଳା ଅତୀବ ଆକର୍ଷଣୀୟ। ବାର ମାସରେ ମହାପ୍ରଭୁ ଅନେକ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତେବେ ମହାପ୍ରଭୁଙ୍କ ସୁନା ବେଶ ସବୁଠାରୁ ଅନନ୍ୟ ଓ ଦୁର୍ଲ୍ଲଭ ବେଶ । ଶ୍ରୀମନ୍ଦିରର ରତ୍ନ ସିଂହାସନ ଉପରେ ମହାପ୍ରଭୁ ୪ ଥର ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଓ ଦଶହରା ଦିନ ସୁନା ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ବାହୁଡ଼ା ଏକାଦଶୀ ବା ହରି ଶୟନ ଏକାଦଶୀ ତିଥିରେ ରଥ ଉପରେ ମହାପ୍ରଭୁ ଯେଉଁ ସୁନା ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ତାହାକୁ ବ୍ରାହ୍ମଣଙ୍କ ଠାରୁ ଚଣ୍ଡାଳ ଆଉ ସ୍ଥାନୀୟ ଅଧିବାସୀଙ୍କ ଠାରୁ ଆରମ୍ଭ କରି ବିଦେଶୀ ଭକ୍ତମାନେ ଦର୍ଶନ କରି କୃତ୍ୟକୃତ୍ୟ ହୋଇଥାନ୍ତି। ଶ୍ରୀ ଜିଉମାନଙ୍କର ଏହି ସୁନା ବେଶକୁ ରାଜରାଜେଶ୍ୱର ବେଶ ଓ ବଡ଼ତଢାଉ ବେଶ ମଧ୍ୟ କୁହା ଯାଇଥାଏ। ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ମଧ୍ୟାହ୍ନ ଧୂପ ପରେ ଭିତରଚ୍ଛୁ ମହାପାତ୍ର ସେବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ତଳିଚ୍ଛୁ ମହାପାତ୍ର ସେବକ ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ରେ ଓ ପୁଷ୍ପାଳକ ସେବକମାନେ ଦେବୀ ସୁଭଦ୍ରାଙ୍କ ବାଡ଼ରେ ଯଥାକ୍ରମେ ନନ୍ଦିଘୋଷ,ତାଳଧ୍ୱଜ ଓ ଦେବଦଳନ ରଥରେ ଶ୍ରୀବିଗ୍ରହମାନଙ୍କୁ ସୁନା ବେଶରେ ସଜ୍ଜିତ କରିଥାନ୍ତି।

## ସାମ୍ରାଜ୍ୟ ବିସ୍ତାରରୁ ସୁନାବେଶ !

ରଥ ଉପରେ ଏହି ଅନନ୍ୟ ଓ ଦୁର୍ଲ୍ଲଭ ସୁନା ବେଶ କେବେଠାରୁ କିପରି ଓ କାହିଁକି ଆରମ୍ଭ ହୋଇଥିଲା ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ମିଳେ ନାହିଁ। ତେବେ ଏ ନେଇ କିଛି କିମ୍ବଦନ୍ତୀ ଓ ଲୋକ କଥା ରହିଛି। ଗଜପତି କପିଳେନ୍ଦ୍ର ଦେବ କୃଷ୍ଣା ନଦୀ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରି ଥିଲେ। ସେ ବହୁ ରାଜ୍ୟର ରାଜାଙ୍କୁ ପରାସ୍ତ କରି ସେମାନଙ୍କ କିରୀଟ, ମୁକୁଟ, ସିଂହାସନ ଓ ମହଣ ମହଣ ସୁନା ଓ ରତ୍ନ ଅଳଙ୍କାର ୧୬ ଟି ହାତୀ ପିଠିରେ ବୋଝାଇ କରି ପୁରୀ ଆଣିଥିଲେ । ସେହି ସବୁ ସୁନା ଓ ରତ୍ନକୁ ନିଜେ ବ୍ୟବହାର ନ କରି ମହାପ୍ରଭୁଙ୍କୁ ଦାନ କରି ଦେଇଥିଲେ। ସେହି ସବୁ ସୁନା ଓ ରତ୍ନରେ ବିଭିନ୍ନ ଅଳଙ୍କାର ନିର୍ମାଣ ହୋଇ ଶ୍ରୀ ଜିଉମାନଙ୍କର ସୁନା ବେଶ ଆରମ୍ଭ ହୋଇଥିଲା। ଆଉ ଏକ କିମ୍ବଦନ୍ତୀ ହେଉଛି ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ମାସ ଏକାଦଶୀ ଅର୍ଥାତ ହରି ଶୟନ ଏକାଦଶୀ ତିଥି ରେ ରଥ ଉପରେ ଶ୍ରୀ ବିଗ୍ରହମାନଙ୍କ ସୁନା ବେଶ ଅନୁଷ୍ଠିତ କରିଥିଲେ। ସେହି ଦିନଠାରୁ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଆସୁଛି। ରତ୍ନ ସିଂହାସନ ଉପରେ ଅନୁଷ୍ଠିତ ହୋଇ ଆସୁଥିବା ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନା ବେଶକୁ ସବୁ ବର୍ଗର ଲୋକ, ବିଦେଶୀ ଭକ୍ତମାନେ ଦର୍ଶନ କରି ପାରୁ ନାହାନ୍ତି ବୋଲି ବଡ଼ତଢାଉ ସେବକ ଗଜପତି କପିଳେନ୍ଦ୍ର ଦେବଙ୍କୁ ବିନତି କରି ଶ୍ରୀବିଗ୍ରହମାନଙ୍କୁ ରଥ ଉପରେ ସୁନା ବେଶ ରେ ସଜ୍ଜିତ କରିବାକୁ ଅନୁରୋଧ କରିଥିଲେ। ପରେ ରାଜା ତାଙ୍କ ବିନତିକୁ ରଖି ହରି ଶୟନ ଏକାଦଶୀ ତିଥିରେ ରଥ ଉପରେ ସୁନା ବେଶ ଅନୁଷ୍ଠିତ କରିଥିଲେ। ସେହି ଦିନ ଠାରୁ ରଥ ଉପରେ ଶ୍ରୀ ବିଗ୍ରହମାନଙ୍କ ସୁନା ବେଶ ଅନୁଷ୍ଠିତ ହୋଇ ଆସୁଛି।

## ଏକଦା ଲାଗି ହେଉଥିଲା ୧୩୮ ପ୍ରକାରର ରତ୍ନ ଖଚିତ ଅଳଙ୍କାର


ଶ୍ରୀମନ୍ଦିର ପୁସ୍ତକରୁ ଜଣାଯାଏ ଯେ, ରଥ ଉପରେ ଅନୁଷ୍ଠିତ ହେଉଥିବା ସୁନା ବେଶରେ ପ୍ରଥମେ ଶ୍ରୀବିଗ୍ରହମାନଙ୍କୁ ୧୩୮ ପ୍ରକାରର ରତ୍ନ ଖଚିତ ଅଳଙ୍କାର ଲାଗି ହେଉଥିଲା। ଏବେ ଆଉ ଏତେ ପରିମାଣର ଅଳଙ୍କାର ଲାଗି ହେଉନାହିଁ । ଶ୍ରୀମନ୍ଦିର ରତ୍ନ ଭଣ୍ଡାରରୁ ପାଳିଆ ମେକାପ ଖୁଣ୍ଟିଆ ସେବକ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଣତି କରି ସ୍ୱର୍ଣ୍ଣ ଓ ରତ୍ନ ଖଚିତ ଅଳଙ୍କାର ସବୁ ବାହାରକୁ କାଢିବା ପରେ ସେ ସବୁକୁ ତିନିରଥକୁ ବୋହି ନିଆଯାଏ। ରଥ ଉପରେ ଦଇତାପତି



ସେବକ,ପୁଷ୍ପାଳକ ସେବାୟତ, ଖୁଣ୍ଟିଆ ମେକାପ ସେବାୟତ, ତଳଚ୍ଛୁ,ଭିତରଚ୍ଛୁ ସେବକମାନେ ଶ୍ରୀ ଜୀଉମାନଙ୍କୁ ସୁନା ବେଶରେ ସଜ୍ଜିତ କରିଥାନ୍ତି ।ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ସ୍ୱର୍ଣ୍ଣ ଚକ୍ର, ରୌପ୍ୟ ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,ଆଡକାନି, ଘାଗଡା ମାଳି, କଦମ୍ବ ମାଳି, ବାହାଡା ମାଳି, ତାବିଜ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରୀଖଣ୍ଡିକା, କମରପଟି ପ୍ରଭୃତି ଅଳଙ୍କାର ଲାଗି କରାଯାଉଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କୁ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ହଳ ଓ ମୂଷଳ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡା ମାଳି, ବାଘ ନଖ ମାଳି, ସେବତୀ ମାଳି, ତିଳକ,ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟି ଅଳଙ୍କାର ଲାଗି କରାଯାଇଥାଏ। ଦେବୀ ସୁଭଦ୍ରାଙ୍କୁ କିରୀଟ, କାନ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,ଘାଗଡା ମାଳି, ସେବତୀ ମାଳି, କଦମ୍ବ ମାଳି, ତଗଡି ପ୍ରଭୃତି ଅଳଙ୍କାର ଲାଗି କରାଯାଇଥାଏ। ମହଣ ମହଣ ସୁନା ଓ ରତ୍ନ ଖଚିତ ଅଳଙ୍କାରରେ ଭୂଷିତ ହୋଇ ଶ୍ରୀଜିଉମାନେ ରଥ ଉପରେ ଝଟକି ଉଠନ୍ତି। ଏହି ଦୁର୍ଲ୍ଲଭ ଓ ଅନନ୍ୟ ସୁନା ବେଶ ଦେଖି ଭକ୍ତମାନେ ବିମୋହିତ ହୋଇ ପଡ଼ିଥାନ୍ତି।


**■ ସନ୍ତୋଷ କୁମାର ଦାଶ**

# ପୋଡ଼ପିଠା ଖାଇବାକୁ ମାଉସୀ ମା' ଘରେ ଅଟକିଯାଏ ତିନି ରଥ





**ମାଉସୀ ମା (ଅର୍ଦ୍ଧାଶନୀ) ଜଗନ୍ନାଥଙ୍କ ମାଉସୀ ଭାବରେ ଜଣାଶୁଣା । ପୂର୍ବରୁ ଏଠି ହାତୀ ଗାଧୁଆ ନଦୀ ବହି ଯାଉଥିଲା । ଲୋକେ ତାକୁ ବଳବଉର ଗଣ୍ଡି କହୁଥିଲେ ଏବେ ଏହା ବଳଗଣ୍ଡି ଭାବେ ପରିଚିତ ।**

ମାଉସୀ ମା' ମନ୍ଦିର । ଏହା ପୁରୀ ବଡ଼ଦାଣ୍ଡରେ ଜଗନ୍ନାଥ ମନ୍ଦିର ଆଡ଼କୁ ଗଲାବେଳେ ବଳଗଣ୍ଡି ପାଖରେ ବାମପଟେ ଅବସ୍ଥିତ । ଏଠାର ଅଧିଷ୍ଠାତ୍ରୀ ଦେବୁ ମାଉସୀ ମା (ଅର୍ଦ୍ଧାଶନୀ) ଜଗନ୍ନାଥଙ୍କ ମାଉସୀ ଭାବରେ ଜଣାଶୁଣା । ପୂର୍ବରୁ ଏଠି ହାତୀ ଗାଧୁଆ ନଦୀ ବହି ଯାଉଥିଲା । ଲୋକେ ତାକୁ ବଳବଉର ଗଣ୍ଡି କହୁଥିଲେ ଏବେ ଏହା ବଳଗଣ୍ଡି ଭାବେ ପରିଚିତ । ଆଗେ ମହାପ୍ରଭୁମାମାନଙ୍କର ରଥ ଆସି ଏଇଠି ଅଟକି କିଛି ସମୟ ବିଶ୍ରାମ ନେବା ପରେ ନଈ ପାର ହୋଇ ବିଗ୍ରହମାନେ ଆରପଟରେ ଥିବା ରଥରେ ବିଜେ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାଉଥିଲେ । ପୁଣି ଫେରିଲାବେଳକୁ ଅର୍ଥାତ ବାହୁଡ଼ାବେଳେ ଏଇଠି ମାଉସୀ ମା ଜଗନ୍ନାଥଙ୍କୁ ପୋଡ଼ପିଠା ଖାଇବାକୁ ଦେବାର ପରମ୍ପରା ଚଳି ଆସିଛି । ମା' ଦେଖିବାକୁ ଅବିକଳ ସୁଭଦ୍ରା ଦେବୀଙ୍କ ପରି । ମାଙ୍କ ମୂର୍ତ୍ତି କୃଷ୍ଣପଥରରେ ତିଆରି । ସେ ଦ୍ୱିଭୁଜା, ଦୁଇ ପାଖରେ ଅଛନ୍ତି ଦୁଇ ପାର୍ଶ୍ୱଦେବୀ ଛାୟା ଓ ମାୟା । ମୂର୍ତ୍ତିର କଟିଦେଶ ଉପରକୁ ଆଚ୍ଛାଦିତ କରି ସୁଭଦ୍ରାଙ୍କ ମୁଖାଟିଏ ଚାପି ଦିଆଯାଇଛି । ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଫେରିବା ବେଳେ ମାଉସୀ ମା'ଙ୍କ ହାତରୁ ମହାପ୍ରଭୁ ପୋଡ଼ପିଠା ଖାଇଥାଆନ୍ତି । ଏହି ପରମ୍ପରା କାହିଁ କେଉଁ ଯୁଗରୁ ରହିଆସିଛି । ଏଥିପାଇଁ ମାଉସୀ ମା'ଙ୍କ ମନ୍ଦିରରେ ପୋଡ଼ପିଠା ପ୍ରସ୍ତୁତି



ହୋଇଥାଏ । ମାଉସୀ ମା'ଙ୍କ ପୂଜକ ପୋଡ଼ପିଠା ପ୍ରସ୍ତୁତ ପୂର୍ବରୁ ଅଟାରେ ଛେନା, ଚିନି, ପିସ୍ତା ବାଦାମ, ଅଳେଇଚ, ଲବଙ୍ଗ, ଦେଶୀ ଘିଅ ଆଦି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରିଥାଆନ୍ତି । ଏହାକୁ ଚକଟା ଯାଇ ପୋଡ଼ପିଠା ଆକାରରେ ଚୁଲିରେ ବସାଯାଇ ବାମ୍ଫରେ ସିଝିବାକୁ ଦିଆଯାଇଥାଏ । ବାମ୍ଫରେ ସିଝିବା ପରେ ଏହାକୁ ବାହାର କରି ଥଣ୍ଡା ହେବାକୁ ଛାଡ଼ି ଦିଆଯାଇଯାଏ । ଥଣ୍ଡା ହେବା ପରେ ଖଣ୍ଡ ଖଣ୍ଡ କରି କାଟି ଏହାକୁ ପୁନର୍ବାର ଦେଶୀ ଘିଅରେ ଛଣା ଯାଇଥାଏ । ପରେ ତିନି ଠାକୁରଙ୍କୁ ତିନିଟି କୁଡୁଆରେ ସମର୍ପଣ କରାଯାଇଥାଏ ।



# କେଉଁ ସ୍ଥାନରେ ଭୋଜନ କଲେ ମା'ଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି

ବର୍ତ୍ତମାନର ଜୀବନଶୈଳୀ କାରଣରୁ ଲୋକେ ଯେଉଁଠାରେ ସୁବିଧା ପାଆନ୍ତି ସେହି ସ୍ଥାନରେ ଭୋଜନ କରନ୍ତି। କୌଣସି ସଠିକ୍ ସ୍ଥାନ ଚୟନ କରୁନଥିବା ଅନେକ ସ୍ଥାନରେ ଦେଖାଯାଏ । ମାତ୍ର ବାସ୍ତୁ ଅନୁଯାୟୀ ଏପରି କରିବା ଆଦୌ ଉଚିତ୍ ନୁହେଁ । ମାନ୍ୟତା ଅନୁଯାୟୀ ଭୋଜନକୁ ନେଇ ବାସ୍ତୁ ଶାସ୍ତ୍ରରେ କିଛି ନିୟମ ବର୍ଣ୍ଣନା କରାଯାଇଛି । ସେହି ନିୟମର ପାଳନ କରିବା ଦ୍ୱାରା ମା'ଲକ୍ଷ୍ମୀଙ୍କ କୃପା ସର୍ବଦା ରହିଥାଏ । ନଚେତ୍ ବାସ୍ତୁ ଦୋଷ ଲାଗିବା ସହ ଅଭାବ ଲାଗି ରହିଥାଏ । ଜାଣନ୍ତୁ ଭୋଜନ ସହ ଜଡିତ ଏହି ବାସ୍ତୁ ନିୟମ ବିଷୟରେ। ଅନେକ ସମୟରେ ଦେଖାଯାଏ ଲୋକେ ଖଟ ଉପରେ ବସି ଭୋଜନ କରନ୍ତି । ଯାହା ବାସ୍ତୁ ଅନୁଯାୟୀ ଅନୁଚିତ୍ । ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ଆର୍ଥିକ ସମସ୍ୟା ଲାଗି ରହିଥାଏ । ମାନସିକ ଦୁଃଶ୍ଚିନ୍ତା ଲାଗି ରହିଥାଏ । ଖଟରେ ବସି ଖାଦ୍ୟ ସେବନ କରିବାକୁ ବାରଣ କରାଯାଇଛି । ଅସନା ଅପରିଷ୍କାର କରି ଭୋଜନ କରନ୍ତୁ ନାହିଁ । ଭୋଜନ ପୂର୍ବରୁ ଘରକୁ ସର୍ବଦା ପରିଷ୍କାର କରନ୍ତୁ । ନଚେତ୍ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ । ପୂଜା ଘରର ଅତି ନିକଟରେ ବସି ଭୋଜନ କରନ୍ତୁ ନାହିଁ । ନଚେତ୍ ଭଗବାନ ଅସନ୍ତୁଷ୍ଟ ହୋଇଥାନ୍ତି । ଘରୁ ସୁଖସମୃଦ୍ଧି ଦୂର ହୋଇଥାଏ । କିଛି ଲୋକେ ରୋଷେଇ ଘରେ ବସି ଭୋଜନ କରନ୍ତି । ମାତ୍ର ରୋଷେଇ ଘରେ କଦାପି ଭୋଜନ କରିବା ଉଚିତ ନୁହେଁ । ଏହାଦ୍ୱାରା ଘରୁ ସୁଖଶାନ୍ତି ଦୂର ହୋଇଯାଏ । କଳହ ଲାଗି ରହିଥାଏ । କବାଟ କିମ୍ବା ଚଉକାଠ ନିକଟରେ ମଧ୍ୟ ଭୋଜନ କରନ୍ତୁ ନାହିଁ । ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିବା ସହ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାନ୍ତି ।



# ଶରୀର ପାଇଁ ଜରୁରୀ ଜାଇଫଳ

ଆମ ରୋଷେଇ ଘରେ ଅଛି ଅନେକ ଔଷଧୀୟ ସାମଗ୍ରୀ ଯାହା ଆମେ ଖାଦ୍ୟକୁ ସୁଆଦିଆ କରିବା ପାଇଁ ପକାଉ ହେଲେ ଜାଣି ନଥାଉ କି ଏହା ଆମ ଶରୀର ପାଇଁ ମଧ୍ୟ କେତେ ଲାଭ ଦାୟକ ହେବ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ରନ୍ଧାଶାଳରେ ଥିବା ଜାଇଫଳରେ ରହିଛି ଅନେକ ଗୁଣ । ଯାହା ଖାଲି ଖାଦ୍ୟରେ ସୁନ୍ଦର ବାସ୍ନା ଭରିଦିଏ ତାହା ନୁହେଁ ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି । ଜାଇଫଳରେ ଅନେକ ଶକ୍ତିଶାଳୀ ଆଣ୍ଟିଅକ୍ସିଡେଣ୍ଟନ୍ସ , ଉପକାରୀ ତୈଳ ଏବଂ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଥାଏ । ଯଦିଓ ଜାଇଫଳ ଖାଇବା ସମସ୍ତଙ୍କ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ , କିନ୍ତୁ ଏହା ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି। ଜାଇଫଳ ଶରୀରରେ ହରମୋନ୍ ସ୍ତରକୁ ସନ୍ତୁଳିତ ରଖିବା ସହିତ, ପାଚନ ପ୍ରକ୍ରିୟାକୁ ବୃଦ୍ଧି କରେ । ଏହା ସହ ଚର୍ମ ପାଇଁ ମଧ୍ୟ ଲାଭଦାୟକ । ସଠିକ୍ ପରିମାଣରେ ଜାଇଫଳ ଖାଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ଆସେ ଏବଂ ମହିଳାମାନଙ୍କର ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର



ମଧ୍ୟ ସମାଧାନ ହୁଏ । ଏଥର ଜାଣିବା ଜାଇଫଳକୁ ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ କାହିଁକି ଲାଭଦାୟକ ବୋଲି ବିବେଚନା କରାଯାଏ।

- ଜାଇଫଳରେ ନ୍ୟାଚୁରାଲ କମ୍ପାଉଣ୍ଡ ଥାଏ , ଯାହାକି ହରମୋନ୍ ସନ୍ତୁଳନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ସେଥିପାଇଁ ଋତୁସ୍ରାବରେ ନିୟମିତତା ରୁହେ।
- ଜାଇଫଳରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଥାଏ , ଯାହା ଫଳରେ ମୁହଁରେ ହେଉଥିବା ବ୍ରଣକୁ କମ୍ କରେ । ପ୍ରତିଦିନ ଅଳ୍ପ ପରିମାଣରେ ଜାଇଫଳ ଖାଇବା ଦ୍ୱାରା ଚର୍ମ ସଫା ରହେ ।
- ଜାଇଫଳରେ ଥିବା ଆଣ୍ଟିଅକ୍ସିଡେଣ୍ଟନ୍ସ ଏବଂ ଆଣ୍ଟି-ଇନଫ୍ଲେମଟାରୀ କମ୍ପାଉଣ୍ଡ୍ ଗୁଡ଼ିକ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ । ଖାଲି ସେତିକି ନୁହେଁ , ଏହା କୋଲେଷ୍ଟ୍ରଲ୍ ଲେବଲକୁ ମଧ୍ୟ କମ୍ କରେ ଯାହା ଫଳରେ ହାର୍ଟଆଟାକର ଆଶଙ୍କା ହ୍ରାସ ପାଏ । ଜାଇଫଳରେ ଏପରି କମ୍ପାଉଣ୍ଡ୍ ମଧ୍ୟ ଥାଏ ଯାହା ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।
- ଜାଇଫଳରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫସଫରସ୍ ଭଳି ମିନେରାଲ୍ସ ଥାଏ, ଯାହା କି ହାଡ଼କୁ ମଜଭୁତ୍ ରଖେ । ସେଥିପାଇଁ ଅଷ୍ଟିଓପୋରୋସିସ୍ ରୋଗରୁ ମୁକ୍ତି ମିଳେ , ଏହି ସମସ୍ୟା ସାଧାରଣତଃ ମହିଳାମାନଙ୍କ କ୍ଷେତ୍ରରେ ଦେଖାଦିଏ ।

## ସ୍ପିନିଂ ମିଲ୍‌ରୁ ଲୁହା ଜିନିଷପତ୍ର ଚୋରି

କେସିଙ୍ଗା,(ନିପ୍ର): କେସିଙ୍ଗା ସ୍ପିନିଂ ମିଲ୍‌ରୁ ଗୁରୁବାର ମଧ୍ୟାହ୍ନରେ ଅତି ମୂଲ୍ୟବାନ ଲୁହା ଜିନିଷପତ୍ର ଚୋରି ହୋଇଥିଲା। ଏ ନେଇ ସ୍ପିନିଂ ମିଲ୍ କର୍ତ୍ତୃପକ୍ଷ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ତଦନ୍ତ କରିଥିଲା। ୪ ଜଣ ଚୋର ଓ ଜିନିଷ କିଣି ଥିବା କବାଡ଼ିଙ୍କୁ ପୋଲିସ ଗିରଫ କରି ପଚରାଉଚରା ସମସ୍ତ ପ୍ରମାଣିତ ହେଲା ପରେ ଶୁକ୍ରବାର ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଭବାନୀପାଟଣାରୁ ଏକ ସନ୍ଧାନୀ କୁକୁର ଦ୍ୱାରା ଅନୁସନ୍ଧାନ କରାଯାଇ ଚୋରଙ୍କୁ ଗିରଫ କରାଯାଇଛି। ଏହି ଚୋରମାନେ କେସିଙ୍ଗା ସହର ବୋଲି ଜଣାପଡ଼ିଛି।
ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ସେମାନଙ୍କଠାରୁ ସ୍ପିନିଙ୍ଗ ମିଲ୍‌ରେ ବ୍ୟବହୃତ ଲୁହା ସାମଗ୍ରୀ ୨୫୦ କିଲୋ ସିଜ୍ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ ବିଭିନ୍ନ ଦଫା ରେ ମାମଲା ରୁଜୁ ହୋଇଛି ।

## କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ

କୋଣାର୍କ,(ନି: ପ୍ର): କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଧୁଭୂଷଣ ନାୟକଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଫେଇ ଅଭାବରୁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ କୁଢ କୁଢ ଅଳିଆ ଆବର୍ଜନା ପଡି ରହିବା ସହିତ ଅନାବନା ଘାସ ଲତା ଯୋଗୁଁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ସାମ୍ପ୍ରତିକ ସମୟରେ ରାଜ୍ୟରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ଏହି ସମ୍ବେଦନଶୀଳ ଘଟଣା ଉପରେ ଗୁରୁତ୍ୱାରୋପ କରି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ସଫେଇ ଓ ଝାଡାବାନ୍ତି ସମ୍ପର୍କରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ସମେତ ଅନ୍ୟ କର୍ମଚାରୀମାନେ ଯୋଗଦେଇ ମେଡିକାଲ ପରିସରରେ ସଫେଇ କାର୍ଯ୍ୟ ସଂପାଦନ କରିଥିଲେ। ଆଗାମୀ ଦିନରେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଝାଡାବାନ୍ତି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପୂର୍ବକ ଘରକୁ ଘର ବୁଲି ଔଷଧ ଓ ଆନୁଷଙ୍ଗିକ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା କରାଯିବ ବୋଲି ଡାକ୍ତର ବିଧୁଭୂଷଣ ନାୟକ ପ୍ରକାଶ କରିଛନ୍ତି।

## ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ: ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ

ଭୁବନେଶ୍ୱର,(ନିପ୍ର): ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟାନ୍ୱୟନ ପାଇଁ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ସମନ୍ୱୟରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ବୈଠକରେ ସଞ୍ଜୀବ କୁମାର ମିଶ୍ର, ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ଶାଳିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୂପେନ୍ଦ୍ର ସିଂ ପୁନିଆ, କମିଶନର ତଥା ଶାସନ ସଚିବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ଯୋଜନା ଓ ସଂଯୋଜନା, ଓସେପାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସହଯୋଗୀ ଅନୁଷ୍ଠାନର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଉନ୍ନୟନ କମିଶନର ଆଇଟି ସକ୍ଷମ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ ଏବଂ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଧ୍ୟାନ ଦେଇଥିଲେ ।

## ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ

ନିମାପଡ଼ା, (ନି.ପ୍ର.): ତାଲୁକ ସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଜ.ବ.ରା. ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛାତ୍ରୀମାନେ ନିଜ ବାଡ଼ି ବଗିଚାରେ ବୃକ୍ଷରୋପଣ କରିବା ପାଇଁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ସୌମ୍ୟକ ପାତ୍ର, ସୌମ୍ୟା ରାଓ, ସଂଘମିତ୍ରା ବିଶ୍ୱାଳ, ସୌରଭ ସାଗର ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ର ଜୀବନ ଏକ ଶୃଙ୍ଖଳିତ ଜୀବନ ଏବଂ ପ୍ରତ୍ୟେକ ଛାତ୍ର ଏହିଠାରୁ କିଛି ଉତ୍ତମ ଗୁଣ ନେଇ




ଆଗକୁ ବଢ଼ିବା ପାଇଁ ବିଚାରପତିମାନେ ଆଗ୍ରହ ପ୍ରକାଶ କରିଥିଲେ । କମିଟି ପକ୍ଷରୁ ରାମଚନ୍ଦ୍ର ହାଂସଦା, ଓକିଲ ମିହିର ମହାନ୍ତି, ପ୍ରତାପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଦ୍ୟାଳୟ ଶିକ୍ଷକ ବାବାଜି ପାତ୍ର, ଅସିତ କୁମାର ସାହୁ, ଦୀପକ କୁମାର ରଥ, ଶିକ୍ଷୟିତ୍ରୀ ସୌଦାମିନୀ ଲେଙ୍କା, ଶୁଭଶ୍ରୀ ନାୟକ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

## ରାଉରକେଲା ଇଏସ୍‌ଆଇସି ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ !




ରାଉରକେଲା,(ନିପ୍ର): ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାର ଠିକା ଶ୍ରମିକମାନଙ୍କ ପାଇଁ ଇଏସ୍‌ଆଇସି ସଂସ୍ଥା ତଥା ରାଉରକେଲା ଇଏସ୍‌ଆଇସି ଶାଖା କାର୍ଯ୍ୟାଳୟ ଅଧୀନରେ ଥିବା ରାଉରକେଲା ଇଏସ୍‌ଆଇ ଡିସ୍ପେନ୍ସାରୀର ୬୩ ହଜାର ୫୭୨ ଏଫ୍ ସି ଆଇ କର୍ମଚାରୀ, ୩୨ ହଜାର ୨୩୪ ସିଆଇଏସ୍‌ଏଫ୍ ଜବାନ, ୨୮ ହଜାର ୧୩୫ କୁଆଁରମୁଣ୍ଡା, ୪ ହଜାର ୩୨୧ କଲୁଙ୍ଗା, ବଣେଇଁ ଓ କୋଇଡ଼ା ଅଞ୍ଚଳର ଶ୍ରମିକଙ୍କ ବୀମାଭୁକ୍ତ କାର୍ଡ ଅଛି। ସମସ୍ତ ଡିସ୍ପେନ୍ସାରୀର କାର୍ଡ ମିଶିଲେ ୧ ଲକ୍ଷ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ବୀମା ଯୋଜନା ହିତାଧିକାରୀମାନେ ଏବଂ ତାଙ୍କର ପରିବାର ନିର୍ଭରଶୀଳ ଅଛନ୍ତି। ସମସ୍ତ ହିତାଧିକାରୀଙ୍କୁ ମିଶାଇ ଦେଲେ ପାଖାପାଖି ୬ଲକ୍ଷ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବା କଥା। ରାଜଗାଙ୍ଗପୁର, ଝାରସୁଗୁଡ଼ା ସମ୍ବଲପୁର, ବରଗଡ଼,ବଲାଙ୍ଗୀରରୁ ପାଖାପାଖି ୬ଲକ୍ଷ ହିତାଧିକାରୀଙ୍କୁ ମିଶାଇଲେ, ସମୁଦାୟ ୧୨ ଲକ୍ଷ ରୋଗୀଙ୍କ ପାଇଁ ରାଉରକେଲାରେ ଥିବା ଏକ ମାତ୍ର ସାହା ଭରସା ଇଏସ୍‌ଆଇସି ମଡେଲ ହସ୍ପିଟାଲ। ଏହି ହସ୍ପିଟାଲରେ ବିଗତ ୨ବର୍ଷ ଧରି ୧୨ଟି ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ତେଣୁ ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ରାଜ୍ୟ ଭିତରେ ବିଭିନ୍ନ ସହବନ୍ଧିତ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇବା ମନା କରି ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହେବାକୁ ବାଧ୍ୟ କରୁଛନ୍ତି। ଏହି ସମସ୍ତ ଅଞ୍ଚଳରେ ଇଏସ୍‌ଆଇସି ଲୋକାଲ କମିଟି ବୈଠକ ଗତ ଅଢେଇ ବର୍ଷରୁ ଅଧିକ ସମୟ ଧରି ହୋଇ ନ ଥିବା ଯୋଗୁଁ ସ୍ଥାନୀୟ ବୀମାଧାରୀଙ୍କ ଦୁଃଖର ସୀମା ରହୁନାହିଁ। ଏଠାରେ ପାନପୋଷ ଉପଜିଲ୍ଲାପାଳ ନିଜେ ଲୋକାଲ କମିଟି ଅଧ୍ୟକ୍ଷ ହୋଇଥିବା ସତ୍ତ୍ୱେ ସ୍ଥାନୀୟ ଇଏସ୍‌ଆଇସି ପ୍ରବନ୍ଧକ କମିଟିର ଆବାହକତ୍ୱରେ ଉପଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ କମିଟି ବୈଠକ ଡାକିବାର କାର୍ଯ୍ୟ ମଧ୍ୟ ପ୍ରବନ୍ଧକଙ୍କର। କିନ୍ତୁ ସେ ସମ୍ପୂର୍ଣ୍ଣ ଭାବେ ନିଜର ବିଫଳତା ପାଇଁ ଏହି ଜରୁରୀ ବୈଠକ କରାଉ ନଥିବାରୁ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଏହାର ଘୋର ନିନ୍ଦା କରିବା ସହ ପାନପୋଷ ଉପଜିଲ୍ଲାପାଳ ଏବଂ ଇଏସ୍‌ଆଇସି ଲୋକାଲ କମିଟି ଅଧ୍ୟକ୍ଷଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରି ଜରୁରୀକାଳୀନ ଭିତ୍ତିରେ କରିବାକୁ ଉଚିତ ବୋଲି ଉଲ୍ଲେଖ କରିଛନ୍ତି।

## ରେଳ ଗୋଲେଇ ମାର୍କେଟ ଅବସ୍ଥା ଶୋଚନୀୟ

ଜଟଣୀ,(ନିପ୍ର): ସର୍ବ ପୁରାତନ ବଜାର ମଧ୍ୟରେ ଜଟଣୀ ସହରରେ ରେଲୱେ ଗୋଲେଇ ମାର୍କେଟ ଅନ୍ୟତମ । ଖୋର୍ଦ୍ଧାରୋଡ଼ରେ ରେଳ ଜଙ୍କସନ୍ ପ୍ରତିଷ୍ଠା ହେବା ପରେ ରେଳ ଷ୍ଟେସନକୁ ଲାଗି ଖୋର୍ଦ୍ଧାରୋଡ଼ ରେଳ ଅଞ୍ଚଳ ଜମିରେ ଏହି ବଜାର ପ୍ରତିଷ୍ଠା କରାଯାଇଥିଲା । ରେଳ କର୍ମଚାରୀ ଏବଂ ରେଳଯାତ୍ରୀଙ୍କ ପାଇଁ ଏହି ବଜାର ଖୋଲା ଯାଇଥିଲା। ଫଳମୂଳ ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ,ପନିପରିବା,ଲୁଗାପଟା ଏବଂ ସମସ୍ତ ଜିନିଷପତ୍ର ଏହି ବଜାରରେ ମିଳୁଥିଲା। ବଜାରରେ ବ୍ୟବସାୟ କରିବା ଲାଗି ସ୍ଥାନୀୟ ଲୋକଙ୍କୁ ରେଳ କର୍ତ୍ତୃପକ୍ଷ ଜମି ଲିଜରେ ଯୋଗାଇ ଦେଇଥିଲେ। ଫଳରେ ରେଳ ବିଭାଗ ବାର୍ଷିକ ରାଜସ୍ୱ ଆଦାୟ କରୁଥିଲା । ରେଳ କର୍ତ୍ତୃପକ୍ଷ ରେଳ ଗୋଲେଇ ମାର୍କେଟର ରକ୍ଷଣାବେକ୍ଷଣ ମଧ୍ୟ କରୁଥିଲା । ଏହା ବ୍ୟତିତ ଗୋଲେଇ ମାର୍କେଟରେ ଜଟଣୀର ସର୍ବପୁରାତନ ଦଶପଲ୍ଲୀ ଓଆରଟି ଜୋନ କାର୍ଯ୍ୟାଳୟ ଏବଂ ବସ୍ ରହଣୀସ୍ଥଳ ପ୍ରତିଷ୍ଠା କରାଯାଇଥିବାରୁ ଏହି ବଜାରର ଗୁରୁତ୍ୱ ବୃଦ୍ଧି ପାଇଥିଲା। ଦିନ ଓ ରାତିରେ ବଜାର ଗହଳି ଲାଗି ରହୁଥିଲା। ଦିନ ହେଉ ବା ରାତି ଖୋର୍ଦ୍ଧାରୋଡ଼ରେ ଯାତ୍ରୀ ଓହ୍ଲାଇ ଏହି ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ସଂଗ୍ରହ କରିବା ପରେ ରେଳଗାଡ଼ିରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଚାଲି ଯାଉଥିଲେ । ଏବେ ବି ଏହି ମାର୍କେଟରେ ଲୋକଙ୍କ ଭିଡ଼ ଲାଗି ରହିଥିବା ବେଳେ ୧ ନମ୍ବର ପ୍ଲାଟଫର୍ମରେ ରେଳଯାତ୍ରୀ ଓହ୍ଲାଇ ପ୍ଲାଟଫର୍ମକୁ ଲାଗି ରହିଥିବା ରାସ୍ତାରେ ବଜାରକୁ ଆସୁଛନ୍ତି। କିନ୍ତୁ ଇତିମଧ୍ୟରେ ଓଆରଟି ବସ୍‌ଷ୍ଟାଣ୍ଡ ଅଚଳ ହୋଇ ପଡ଼ି ରହିଛି। ଏହାର ନବୀକରଣ କରା ଯାଉ ନଥିବା ଅଭିଯୋଗ ହୋଇଛି । ଏହା ବ୍ୟତିତ ରେଳ ଗୋଲେଇ ମାର୍କେଟର ମୁଖ୍ୟ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଛି । ରାସ୍ତା ସାରା ଖାଲ ସୃଷ୍ଟି ହୋଇଛି। ପଙ୍କ କାଦୁଅ କୁଦି ଲୋକମାନେ ଯାତାୟାତ କରୁଥିବା ଦେଖାଯାଉଛି । ଏହି ଅସୁବିଧା ଦୂର ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନିଅନ୍ତୁ। ନଚେତ୍ ଲୋକେ ହଇରାଣ ହେବା ସାର ହେବ। ସ୍ଥିତିକୁ ଦେଖି ପଦକ୍ଷେପ ନେବାରେ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କେସିଙ୍ଗା ମହାବିଦ୍ୟାଳୟରେ ନୂଆ ପ୍ରକୋଷ୍ଠ ଉଦ୍‌ଘାଟିତ

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟ ପରିସରରେ ଅନେକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମହାସମାରୋହରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ଆର୍ଥିକ ଅନୁଦାନରେ ନିର୍ମିତ ବାଳକ ସାଧାରଣ ପ୍ରକୋଷ୍ଠ, ଲୋକ ସଭା ସଦସ୍ୟଙ୍କ ପଶ୍ଚିମ ଓଡିଶା ବିକାଶ ପରିଷଦର ଆର୍ଥିକ ଅନୁଦାନରେ ନିର୍ମିତ ରାତ୍ରି ଜଗୁଆଳି କକ୍ଷ ଏବଂ ଅଧ୍ୟକ୍ଷଙ୍କ ନୂତନ କାର୍ଯ୍ୟାଳୟକୁ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥ ଭାବରେ ଜନ୍ମେଜୟ ସ୍ୱାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ରେଡ୍‌କ୍ରସ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନମହୋତ୍ସବ ପାଳନ କରାଯାଇ ବୃକ୍ଷରୋପଣ କରାଯାଇଥିଲା। ଯୁବ ରେଡ୍‌କ୍ରସ୍ କାଉନସେଲର ଅଧ୍ୟାପକ ରାଇମୋହନ ମାଝୀ ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମଣି ରଣାଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ।

## ଡେରାବିଶ ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା

ଡେରାବିଶ,(ନିପ୍ର): ଡେରାବିଶ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଏବଂ ଆଇକ୍ୟୁଏସି ସହଯୋଗିତାରେ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତ ପ୍ରକଳ୍ପ ପାଇଁ ଗୁଣାତ୍ମକ ପଦ୍ଧତି ସହିତ ନିବନ୍ଧ ନିମନ୍ତେ ତଥ୍ୟ ଶୀର୍ଷକ ଅନୁଷ୍ଠିତ କର୍ମଶାଳାରେ କଲେଜ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ପୌରୋହିତ୍ୟ କରିଥିଲେ । ଏଥିରେ ବିଷୟ ବା ଶୀର୍ଷକ ବିଶେସଜ୍ଞ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜିନେସ



ଆଡମିନିଷ୍ଟ୍ରେଶନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ଼୍, ସାରଦା ପ୍ରସନ୍ନ ସାହୁ,ତାମିଲନାଡୁ ରାଜ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଷ୍ଟାଟିଷ୍ଟୀକ ଆଣ୍ଡ ଆପ୍ଲାଏଡ ମ୍ୟାଥମେଟିକ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ.ଭବାନୀ ଶଙ୍କର ମହାନ୍ତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ପର୍ସନ ଡ଼୍. ମହମ୍ମଦ ଇମରାନ ଯୋଗଦେଇଥିଲେ। ଅତିଥିମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରଯୋଜିତ କାର୍ଯ୍ୟକ୍ରମରେ ସମୟବଧ ହୋଇ ସୀମିତ ସଂସାଧନ ପ୍ରୟାସ କରିବା ହେଉଛି ପ୍ରକଳ୍ପ ବୋଲି କହିଥିଲେ। ଏଥିପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ନୂତନ ପ୍ରତ୍ୟାଶାମୂଳକ ପ୍ରୟାସ ସହ ସଂସାଧନ ସହ ସାଧନାର ଆବଶ୍ୟକତା ରହିଛି। ଭଲ ଗବେଷକ ହେବା ପାଇଁ ଠିକ୍ ଉପଲବ୍ଧି ଦରକାର ଥିବାବେଳେ ଉଚ୍ଚତର ଜ୍ଞାନ ଆହରଣ ପାଇଁ କଠିନ ଅଧ୍ୟବସାୟ ଓ ଅର୍ନ୍ତଦୃଷ୍ଟି କାରକ ଭାବେ କାର୍ଯ୍ୟ କରିଥାଏ ବୋଲି ବିଶେଷଜ୍ଞମାନେ କର୍ମଶାଳାରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବୃନ୍ଦାବନ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାର ଆବାହକ ଥିବା ମହାବିଦ୍ୟାଳୟ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ୍ ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳା ଶେଷରେ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ଼୍.ରୁଦ୍ରାଣୀ ପଟ୍ଟନାୟକ ,ଡ଼୍. ଭଗ୍ୟଲକ୍ଷ୍ମି ସାହୁ ଓ ଆକାଂକ୍ଷା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି ,ଗୁରୁଚରଣ ସେଠୀ,ରଘୁନାଥ ସାହୁ,ଡ଼୍.ସନ୍ଦୀପ ବଲ,ଶରତ ଚନ୍ଦ୍ର ରାଉତଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ପାଳିତ

ପୁରୀ,(ନିପ୍ର): ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ଏଥିରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ବୃକ୍ଷ ହିଁ ଜୀବନ କେବଳ ଏକ ସ୍ଲୋଗାନ ନ ହୋଇ ବାସ୍ତବରେ ପରିଣତ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ।ପରିବେଶ ନଷ୍ଟ ଓ ପ୍ରଦୂଷିତ ହେଉ ଥିବାରୁ ଜୀବ ଜଗତର ବିପୁଳ କ୍ଷତି ଘଟୁଛି।ବ୍ୟାପକ ବୃକ୍ଷ ରୋପଣ ଦ୍ୱାରା ଆମେ ଏହାକୁ ରୋକି ପାରିବା ବୋଲି ସେ କହିଥିଲେ। ଏଥିରେ ଶକ୍ତି କ୍ଲବ ଓ ଇକୋ କ୍ଲବ ଆବାହକ ଆଶିଷ କୁମାର ଜେନା ସୁଶାନ୍ତ କୁମାର ପ୍ରଧାନ, ପ୍ରତାପ କୁମାର ସାହୁ,ଗୋବିନ୍ଦ ଚନ୍ଦ୍ର ସାହୁ ,ପ୍ରିୟଦର୍ଶିନୀ ସାହୁ, ସସ୍ମିତା ମିଶ୍ର , ସବ୍ୟସାଚୀ ଦୀକ୍ଷିତ,ଶୁଭଲକ୍ଷ୍ମୀ ବରାଳ ,ସ୍ୱପ୍ନା ଭୋଇ,ସୁରେଶ ଚନ୍ଦ୍ର ତ୍ରିପାଠୀ,ସେକ ସେରାତୁଲା ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ ରେ ସାମିଲ ହୋଇଥିଲେ।।

## ଗୋଲାମୁଣ୍ଡା ବ୍ଲକରେ ନୂତନ ବିଡ଼ିଓଙ୍କ ଯୋଗଦାନ

### ତିନି ବର୍ଷରେ ୬ ବିଡ଼ିଓଙ୍କୁ କାର୍ଯ୍ୟଭାର, ଉନ୍ନୟନ କାର୍ଯ୍ୟରେ ବାଧା !

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି ତ୍ରିପୁରା ମହାନନ୍ଦ। ଏଥିପୂର୍ବରୁ ସେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ଗୋଲାମୁଣ୍ଡା ବ୍ଲକର ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ ପରେ ବ୍ଲକର ଉନ୍ନୟନ କାର୍ଯ୍ୟରେ ଆଗେଇ ଚାଲିବ ବୋଲି ଲୋକେ ଆଶାବାଦୀ ଅଛନ୍ତି କିନ୍ତୁ ବିଗତ ୩ ବର୍ଷରେ ଗୋଲାମୁଣ୍ଡା ବ୍ଲକରେ ଶ୍ରୀ ମହାନନ୍ଦ ହେଉଛନ୍ତି ୬ ନମ୍ବର ବିଡ଼ିଓ । ଗତ ୩ ବର୍ଷ ତଳେ ୨୦୨୨ ମସିହା ଅଗଷ୍ଟ ମାସ ୨୯ ତାରିଖ ବିଡ଼ିଓ ସ୍ମିତାରାଣୀ ପ୍ରଧାନଙ୍କ ବଦଳି ହୋଇଥିବା ବେଳେ ତାଙ୍କ ଯାଗାରେ ଏବିଡ଼ିଓ ଶ୍ରୀଧର ପଣ୍ଡା ବିଡିଓ ଭାବେ ଯୋଗଦାନ କରିଥିଲେ । ଶ୍ରୀ ପଣ୍ଡା ୩୭୩ ଦିନ ବିଡ଼ିଓ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ୨୦୨୩ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ଅକ୍ଷୟମିତା କାର୍ତ୍ତିକ ବିଡ଼ିଓ ଭାବେ ଦାୟୀତ୍ୱ ଗ୍ରହଣ କରିଥିଲେ । ଶ୍ରୀମତୀ ପଞ୍ଚମୀ ଦୀପ ବ୍ଲକ ଅଧ୍ୟକ୍ଷ୍ୟା ଦାୟିତ୍ୱରେ ଥିବା ସମୟରେ ନିଜ ଗାଡିରେ ଲକ୍ଷାଧିକ ଟଙ୍କା ସହିତ ବିଡିଓ ଅକ୍ଷୟମିତା କାର୍ତ୍ତିକଙ୍କୁ ଭିଜିଲାନ୍ସ ଧରିଥିବା ବେଳେ ଟଙ୍କା ବିଷୟରେ କିଛି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ସେ ମାସାଧିକ କାଳ ଜେଲରେ ଥିଲେ । ତାଙ୍କୁ ଜେଲ ହେବାରୁ ତାଙ୍କ ସ୍ଥାନରେ ପୁଣି ଥରେ ଏବିଡ଼ିଓ ଶ୍ରୀଧର



ପଣ୍ଡା ୨୦୨୪ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ବିଡ଼ିଓ ଭାବେ ଯୋଗଦାନ କରିଥିଲେ । କିନ୍ତୁ ଗତ ମାସରେ ଗୋଲାମୁଣ୍ଡା ବିଡ଼ିଓ ଭାବେ କାର୍ଯ୍ୟରତ ଥିବା ଶ୍ରୀ ପଣ୍ଡାଙ୍କ ସ୍ଥାନରେ ଏବିଡ଼ିଓ ବିଶ୍ୱନାଥ ରାଉତ ବିଡ଼ିଓ ଭାବେ ଯୋଗଦାନ କରିଥିଲେ । ତ୍ରିପୁରା ମହାନନ୍ଦ ଗୋଲାମୁଣ୍ଡା ବ୍ଲକ ନୂତନ ବିଡ଼ିଓ ଭାବରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଗତ ୩ ବର୍ଷରେ ୬ ବିଡ଼ିଓଙ୍କ ଯୋଗଦାନ ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବାଧା ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। କାରଣ ବିଡ଼ିଓଙ୍କ ବାରମ୍ବାର ବଦଳି ହେବା ଦ୍ୱାରା ବ୍ଲକର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ଗତିଶୀଳ କାର୍ଯ୍ୟ ଗୁଡ଼ିକ ଠପ ହୋଇ ଯାଇଥାଏ। ଅପରପକ୍ଷରେ ଉନ୍ନୟନ କାର୍ଯ୍ୟର ମଧ୍ୟ କାର୍ଯ୍ୟ ପ୍ରଣାଳୀ ବଦଳି ଯାଇଥାଏ । ବିଡ଼ିଓ ବଦଳି ହେବାଦ୍ୱାରା ସମାପନ ହୋଇଥିବା କାର୍ଯ୍ୟର ବିଲ୍ ହେବାକୁ ମଧ୍ୟ ସମୟ ଲାଗି ଥାଏ । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଭାବେ ବିନ୍ଦୁ ମହାନନ୍ଦ ଦାୟୀତ୍ୱ ଗ୍ରହଣ କରିବା ଦିନଠାରୁ ବ୍ଲକର ଉନ୍ନୟନ କାର୍ଯ୍ୟ ସଫଳତାର ଶୀର୍ଷରେ ଥିବା ବେଳେ ବାରମ୍ବାର ବିଡ଼ିଓଙ୍କ ବଦଳି ଓ ନୂତନ ବିଡ଼ିଓଙ୍କ ଯୋଗଦାନ ଦ୍ୱାରା ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଆତଙ୍କବାଦୀଙ୍କ କବଳରେ ହିଞ୍ଜିଳିକାଟୁ ବ୍ଲକର ପି.ଭେଙ୍କଟରମଣ

ହିଞ୍ଜିଳିକାଟୁ, (ନି.ପ୍ର): ପଶ୍ଚିମ ଆଫ୍ରିକା ମହାଦେଶର ମାଲି ଦେଶରେ ଆତଙ୍କବାଦୀମାନେ ୩ ଜଣ ଭାରତୀୟ ନାଗରିକଙ୍କୁ ଅପହରଣ କରି ନେଇଥିବା ଘଟଣା ସାରା ଭାରତ ବର୍ଷରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ଭେଙ୍କଟରମଣ (୨୮) ରହିଛନ୍ତି। ଘଟଣା ନେଇ ଅପହୃତଙ୍କ ମା ପି. ନାର୍ସାମା ଶନିବାର ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ ।



ଭେଙ୍କଟ ରମଣଙ୍କଜ୍ୱାଇଁ ପି.ବବଲୁଙ୍କ ସୂଚନା ପ୍ରକାରେ ଅପହୃତ ଭେଙ୍କଟରମଣ ଗତ ନଭେମ୍ବର ମାସରେ ମୁମ୍ବାଇର ବ୍ଲୁଷ୍ଟର ନାମକ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ ଆଫ୍ରିକା ମହାଦେଶର ମାଲି ପ୍ରଦେଶର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ । ଗତ ୩୦ ତାରିଖରେ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା ନେଇ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା । ପରିବାର ସଦସ୍ୟ ଘଟଣାକୁ ସହଜରେ ଗ୍ରହଣ କରିପାରିନଥିଲେ । ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନା ଉପରେ ହାମଲା କରି ୩ ଜଣ ଭାରତୀୟଙ୍କୁ ଅପହରଣ କରି ନେଇଯାଇଥିବା ନେଇ ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ପାଇଥିଲେ । ପରେ ସେଠାକାର ଏକ ଟିଭି ଚ୍ୟାନେଲରୁ ଘଟଣା ଜାଣିପାରି ତାଙ୍କ ପୁଅ ଅପହରଣ ହୋଇଥିବା ନିଶ୍ଚିତ ହେଇଥିଲେ। ଘଟଣା ନେଇ ମା ନର୍ସମ୍ମା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପରେ ଖବର ପାଇ ହିଞ୍ଜିଳିକାଟୁ ତହସିଲଦାର ତପନ ମହାପାତ୍ର ଭେଙ୍କଟରମଣଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ହିଞ୍ଜିଳି ବିଧାୟକ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହି ସମ୍ବେଦନଶୀଳ ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ଅପହୃତ ଭେଙ୍କଟ ରମଣଙ୍କୁ ଉଦ୍ଧାର କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଏକ୍ସରେ ଟୁଇଟ କରି ନିବେଦନ କରିଛନ୍ତି। ନବୀନଙ୍କ ନିର୍ଦ୍ଦେଶରେ ହିଞ୍ଜିଳି ବିଜେଡିର ଏକ ଟିମ୍ ଅପହୃତ ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ନବୀନ ବାବୁଙ୍କୁ ପ୍ରେରଣ କରିଥିବା ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର କହିଛନ୍ତି । ଟିମରେ ପୂର୍ବତନ ସରପଞ୍ଚ ବାବାରାଓଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଏଣେ ମା ନାର୍ସମ୍ମା ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ପୁଅକୁ ଉଦ୍ଧାର କରିବା ପାଇଁ ଆକୁଳ ନିବେଦନ କରିଛନ୍ତି।

## ଖୋ ଖୋ ପ୍ରତିଯୋଗିତା : ୪ ବର୍ଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ

କେନ୍ଦୁଝର,(ନିପ୍ର): କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲରେ ଅଲ ଓଡିଶା ଆଇସିଏସ୍‌ଇ ତରଫରୁ ଜୋନାଲ ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ମେରିଏଟ ସ୍ୱାଗତ ଭାଷଣ ଦେବା ସହ ଖେଳର ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତାରେ ବାଲେଶ୍ୱର ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ,ଭଦ୍ରକ କାରମେଲ ସ୍କୁଲ, ଯୋଡା ସ୍ଥିତ ସେଣ୍ଟ ଟେରେସା ସ୍କୁଲ,ବଡବିଲ ସ୍ଥିତ ସେଣ୍ଟ ମେରୀ ସ୍କୁଲ ଏବଂ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ୧୯ ବର୍ଷରୁ କମ, ୧୭ ବର୍ଷରୁ କମ ଏବଂ ୧୪ ବର୍ଷରୁ କମ ଏହିପରି ୩ଟି ବିଭାଗରେ ୨୫୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ୧୯ ବର୍ଷରୁ କମ ବରିଷ୍ଠ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ ସେହିପରି ୧୭ ବର୍ଷରୁ କମ ବର୍ଗର ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୭ ବର୍ଷରୁ କମ ବାଳିକା ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୪ ବର୍ଷରୁ କମ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୪ ବର୍ଷରୁ କମ ବାଳିକା ବିଭାଗରେ ସେଣ୍ଟ ମେରୀ ସ୍କୁଲ ବଡବିଲ ଚମ୍ପିଆନ,ସେଣ୍ଟ ଟେରେସା ସ୍କୁଲ ଯୋଡା ରନର୍ସଅପ ହୋଇଥିଲା । ଜୋନାଲ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଚଳିତ ମାସ ୨୫ତାରିଖରେ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରିଜିଓନାଲ ଖୋ-ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ସଚେତନତା

ନିମାପଡ଼ା,(ନିପ୍ର): ନିମାପଡ଼ା ବ୍ଲକ୍‌ର ଅନ୍ୟତମ ଶିକ୍ଷାନୁଷ୍ଠାନ ନାଗବସ୍ତ ନୋଡ଼ାଲ ବିଦ୍ୟାଳୟ ପରିସରରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ଦାସ, ସହକାରୀ ଯନ୍ତ୍ରୀ ସତ୍ୟଜିତ ନାୟକ (ଡ଼େପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର), ମା’ ଦକ୍ଷିଣେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ ସ୍ୱାଇଁ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଜାନକୀଲତା ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଇଶ୍ୱର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଦ୍ୟୁତ୍ ସପ୍ତାହ ପାଳନ ସଂପର୍କୀୟ, ବୈଦ୍ୟୁତିକ ସୁରକ୍ଷା ସହିତ ବାତ୍ୟା, ବଜ୍ରାଘାତ ସମୟେ ନିଜକୁ କେମିତି ସୁରକ୍ଷିତ ରଖିବେ ସେ ଦିଗରେ ଅଭିଭାବକ ଏବଂ ଛାତ୍ରଙ୍କୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ବିଦ୍ୟୁତ୍ ସୁରକ୍ଷା-




ଜୀବନ ରକ୍ଷା ବାର୍ତ୍ତା ଦେବା ସହିତ ଆଘାତରୁ କେଉଁ ଉପାୟରେ ସୁରକ୍ଷିତ ରହିବେ ସେ ଦିଗରେ ଜ୍ଞାନ କୌଶଳ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ସତ୍ୟଜିତ ଦଳବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ଅଭିଲିପ୍ସା ଦାଶ, ସ୍ୱାଗତିକା ସ୍ୱାଇଁ, ପି. ପ୍ରତ୍ୟୁଷା ପ୍ରଜ୍ଞାସ୍ମିତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ୧୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇ ଏହାର ପ୍ରଚାର ପ୍ରସାର ପାଇଁ ଶପଥ ଗ୍ରହଣ କରିଥିଲେ ।

## ରାୟଗଡା ଆଇନ ସେବା ପ୍ରାଧିକରଣ ଦ୍ୱାରା ଚାରାରୋପଣ

ରାୟଗଡ଼ା,(ନିପ୍ର): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ନିର୍ଦ୍ଦେଶକ୍ରମେ ଜୁଲାଇ ମାସର ପ୍ରଥମ ସପ୍ତାହ ଅର୍ଥାତ୍ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଞ୍ଜନା ସ୍ୱାଇଁଙ୍କ ପୌରୋହିତ୍ୟରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି ।
ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଆଶିଷ ପଟ୍ଟନାଏକ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ବର୍ଷା ଦାସ, ଜିଲ୍ଲା ବନବିଭାଗର ଏସ୍.ସି.ଏଫ୍ ଅଶୋକ କୁମାର ପ୍ରଧାନ, ବନ ବିଭାଗର ରେଞ୍ଜର, ସମସ୍ତ କର୍ମଚାରୀ, ଜିଲ୍ଲାର ଶାରୀରିକ ଖେଳ ଅଧିକାରି ହରିହର ପାତ୍ର, ରାୟଗଡା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାୟକ, କିଶୋର କୁମାର ସାହୁ, ଭାରତୀ ତ୍ରିପାଠୀ, ଜଳନ୍ଧର କୁଳଦୀପ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟିର, ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କିସମର ଚାରାରୋପଣ କରିଥିଲେ।

ତିଥି : (ଏକାଦଶୀ) : (ବିଶାଖା ତୁଳା)
ଅମୃତବେଳା: ଦିବା ଘ୬।୫୨ ଗତେ ଘ ୯।୧୬ ମଧ୍ୟେ

## ଆଜିର ଅନୁଚିନ୍ତନ

ଅତୀତରୁ ଶିକ୍ଷା ଲାଭ କର, ଆଜି ପାଇଁ ବଞ୍ଚ, ଆସନ୍ତାକାଲି ପାଇଁ ଆଶା କର। ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରଶ୍ନ କରିବା କେବେ ବନ୍ଦ କରନାହିଁ। - ଆଲବର୍ଟ ଆଇନଷ୍ଟାଇନ

# ମୋହନ ସରକାରଙ୍କ ଦୂରଦର୍ଶୀ ପଦକ୍ଷେପ

ପୂର୍ବରୁ ଆମ ରାଜ୍ୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଏହି ପାଞ୍ଚଟି ମହାନଗର ନିଗମ ଭାବରେ ବିବେଚିତ ହେଉଥିଲା। ମାତ୍ର ବାହୁଡ଼ା ଯାତ୍ରା ପୂର୍ବ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ପୌରପାଳିକାକୁ ରାଜ୍ୟର ଷଷ୍ଠ ମହାନଗର ନିଗମରେ ପରିଣତ ଲାଗି ହୋଇଥିବା ନିଷ୍ପତ୍ତି ଘୋଷଣା କରିଥିଲେ। ଯାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ତଥା ଦୂରଦର୍ଶୀ ପଦକ୍ଷେପ। ଏହା ସାଙ୍ଗକୁ ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ ଓ ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ସର୍ବୋପରି ୨୦୨୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ତଥା ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀ ତଥା ଓଡ଼ିଆ ଜାତି ପ୍ରତି ତାଙ୍କର ସମର୍ପିତ ସେବକ ଚିନ୍ତାଧାରାର ପ୍ରତିଫଳନ। ପରିକଳ୍ପିତ ଶ୍ରୀଜଗନ୍ନାଥ ସଂଗ୍ରହାଳୟରେ ରହିବ ଜଗନ୍ନାଥ ସଂସ୍କୃତି, ଇତିହାସ, ପୌରାଣିକ ମହତ୍ତ୍ୱ ଆଧାରିତ ତଥ୍ୟ, ପୁସ୍ତକାଗାରରେ ରହିବ ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ। ପୁଣି ମୁକ୍ତାକାଶ ରଙ୍ଗମଞ୍ଚ ଜରିଆରେ ପରିବେଷିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ଯେଉଁଥିରେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ପ୍ରତିଫଳିତ ହେବ। ଏସବୁ ପଦକ୍ଷେପ ଜରିଆରେ କେବଳ ଦେଶ ନୁହେଁ ବିଦେଶରୁ ମଧ୍ୟ ବହୁ ପର୍ଯ୍ୟଟକ, ଶ୍ରଦ୍ଧାଳୁ, ଗବେଷକଙ୍କ ସୁଅ ଛୁଟିବା ସୁନିଶ୍ଚିତ। କାରଣ ଜଗନ୍ନାଥ ସଂସ୍କୃତି ପାଣିପାଗ ପରିବର୍ତ୍ତନ ଜନିତ ପ୍ରଭାବରେ ଜର୍ଜରିତ ବିଶ୍ୱ ତଥା ଏକାଧିକ ଯୁଦ୍ଧରେ ଲିପ୍ତ ଦେଶଗୁଡ଼ିକ ନିମନ୍ତେ ବିଶ୍ୱ ଭ୍ରାତୃତ୍ୱର ବାର୍ତ୍ତା ବହୁ ଭାବରେ ପ୍ରେରଣ କରିଛି । ବିଶ୍ୱ ମାନବିକତା ଜଗନ୍ନାଥ ସଂସ୍କୃତିର ଆଧାର। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପୁରୀକୁ ମିଳିଥିବା ଭେଟି ସର୍ବାଙ୍ଗ ଭାବରେ କାର୍ଯ୍ୟକାରୀ ହେଲେ ଏହା ନିଶ୍ଚୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ପୂର୍ବରୁ ପର୍ଯ୍ୟଟକଙ୍କ ଆକର୍ଷଣ କେବଳ ଶ୍ରୀମନ୍ଦିର ଓ ବେଳାଭୂମି ମଧ୍ୟରେ ସୀମିତ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ପୁରୀ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ପରିସର ବ୍ୟାପକ ହେବ। ସୁତରାଂ ବିକଶିତ ଓଡ଼ିଶା ପାଇଁ ଏହି ପ୍ରୟାସ ବହୁଳାଂଶରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିକଟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଆଲେଖ୍ୟରେ ଲେଖିଛନ୍ତି 'ଆମ ରାଜ୍ୟ ଓଡ଼ିଶାକୁ ଆପଣ ଅମାପ ଖଣିର ସମ୍ପଦ, ସୁଦୀର୍ଘ ବେଳାଭୂମି, ଜଳସମ୍ପଦ, ଜଙ୍ଗଲ ସମ୍ପଦ ତଥା ପରିଶ୍ରମୀ ଓ ବୁଦ୍ଧିମାନ, ମାନବ ସମ୍ବଳ ଦେଇଛନ୍ତି। ଓଡ଼ିଶା ପାଖରେ ଯେଉଁ ସମ୍ବଳ ଅଛି ଦେଶର ଅନ୍ୟ କୌଣସି ରାଜ୍ୟ ପାଖରେ ସେ ସଂସାଧନ ନାହିଁ। ହେ ମହାପ୍ରଭୁ- ଓଡ଼ିଶା ଧନୀ, ମାତ୍ର ଓଡ଼ିଆ ଗରିବ। କେତେଦିନ ଏହି ଲାଞ୍ଛନା ଓ ଅପମାନ ସହିବାକୁ ପଡ଼ିବ ? ମୁଁ ଆଦିବାସୀ ଗରିବ ପରିବାରରୁ ଆସିଛି, ଗରିବର କଷ୍ଟକୁ ଅଙ୍ଗେ ନିଭେଇ ନିଭେଇ ଆସିଛି। ମହାପ୍ରଭୁ ଆପଣ ଜଗତର ନାଥ। ଗରିବର ଦେବତା। ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଆମେ ଆପଣଙ୍କୁ ସାକ୍ଷୀ ରଖି ଯୋଜନା କରିଛୁ। ଆପଣ ଆଶୀର୍ବାଦ କରନ୍ତୁ।' ଏହି ଆଲେଖ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଯେପରି ସମର୍ପିତ ହୃଦୟ ରହିଛି, ସେହିପରି ବାସ୍ତବତାର ତଥ୍ୟ ରହିଛି। ସର୍ବୋପରି ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡିବା ବେଳେ ଓଡ଼ିଶାବାସୀଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରିବାକୁ କୁଣ୍ଠିତ ହୋଇନାହାନ୍ତି। ଏ ପରିପ୍ରେକ୍ଷୀରେ ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ଯଦିଓ ଫରେଷ୍ଟ ଆଡଭାଇଜରି କମିଟି ଅନୁମୋଦନକୁ ସ୍ଥଗିତ ରଖିଛି ତେବେ ପ୍ରସ୍ତାବିତ ବିମାନ ବନ୍ଦର ଆଗକୁ କାର୍ଯ୍ୟକାରୀ ହେବା ବହୁ ସମ୍ଭାବନା ରହିଛି। ଏହାଦ୍ୱାରା ପୁରୀକୁ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସୁଅ ଛୁଟି ପାରିବ। ଫଳରେ ପର୍ଯ୍ୟଟନ, ନିଯୁକ୍ତି ଓ ଆଞ୍ଚଳିକ ଅର୍ଥନୈତିକ ବିକାଶ ପ୍ରୋତ୍ସାହିତ ହୋଇପାରିବ, ଏପରି ଆଶା ଉଜ୍ଜ୍ୱଳ ହେବାରେ ଲାଗିଛି।

# ବର୍ଷାଋତୁରେ ଶିଶୁରୋଗ ଓ ତାର ପ୍ରତିକାର

ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ଷାଋତୁ ବହୁ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ଋତୁ ହୋଇନଥାଏ । ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ, ଡାକ୍ତର ସ୍ୱାସ୍ଥ୍ୟ କର୍ମୀ ସମସ୍ତେ ଯେ କୌଣସି ଆକସ୍ମିକ ରୋଗ ସଂକ୍ରମଣକୁ ମୁକାବିଲା କରିବା ପାଇଁ ସଜାଗ ହୋଇରହିଥାନ୍ତି । ରୋଗ ଔଷଧ ବିକ୍ରି ଓ ରୋଗ ସମ୍ବନ୍ଧୀୟ ସମସ୍ତ ବ୍ୟବସାୟର ଆଶାତୀତ ବୃଦ୍ଧି ଦେଖାଯାଏ । ଏସବୁର କାରଣ ଅନ୍ୟାନ୍ୟ ଅପେକ୍ଷା ବର୍ଷା ଋତୁରେ ରୋଗ ଓ ରୋଗୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଥାଏ । ଋତୁର ପରିବର୍ତ୍ତନ ହେତୁ ପରିବେଶରେ ନିମ୍ନଲିଖିତ ପରିବର୍ତ୍ତନ ଦେଖାଦିଏ ।

* ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ । ଫଳରେ ଶରୀର ମଧ୍ୟରୁ ନିଷ୍କାସିତ୍ତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରି ପାରେନାହିଁ । ଏହା ବାଷ୍ପୀଭୂତ ନ ହେବା ଫଳରେ ଶରୀରର ଶୀତଳ ହୁଏନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ ଏହାକୁ ଗୁଳୁଗୁଳି କୁହାଯାଏ। ଏହାଫଳରେ ଅନେକ ଚର୍ମରୋଗ ଦେଖାଯାଏ ।
* ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ କୀଟ, ପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ବୃଦ୍ଧି ପାଏ, ଏହା ପ୍ରଜନନ ଋତୁ । ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ ।
* ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳ, ନର୍ଦ୍ଦମା ସବୁକୁ ଏକାକାର କରିଦିଏ । ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ ।
* ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ବିଲରେ ଜଳ ପ୍ରବେଶ ଫଳରେ ସେମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି । ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ।
* ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା । ଦୁର୍ବଳ ଗୃହ ଭୁଶୁଡ଼ି ପଡ଼ିବା, ଜଳରେ ସଲିଳ ସମାଧି ନେବା, ଅନେକ ଦୁର୍ଦ୍ଦଶା ଦେଖାଯାଏ ।

ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ । ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ । ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ । ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ୍ୟ ଏହି ସମୟରେ ଦେଖାଯାଇଥାଏ । ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ । ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ । ଥଣ୍ଡା ପରେ ଶ୍ୱାସ, କାନପଚା, ନିଉମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ । ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଣ୍ଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ୍ୟ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ ।

ଏହି ଥଣ୍ଡା ରୋଗଟିର ଭୂତାଣୁ ପ୍ରତିରୋଧୀ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ । ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ । ଭିଟାମିନ ସିର ବିଶେଷ ଭାବରେ ଉପକାରୀ । ଆଣ୍ଟିବାୟୋଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ । ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ । ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ ।

ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ । ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ । ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ । ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ । ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମି ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ ।ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ । ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ । ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ ।

ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪

# ଶ୍ରୀଜିଉଙ୍କ ସୁନା ବେଶ

ବିଷ୍ଣୁ ପ୍ରସାଦ ଦାସ

"

ପ୍ରତିବର୍ଷ ପାଞ୍ଚ ଥର ସୁନାବେଶ ହୋଇଥାଏ ତନ୍ମଧ୍ୟରୁ ଚାରି ଥର ଶ୍ରୀମନ୍ଦିର ମଧ୍ୟରେ ଏହା ସମ୍ପନ୍ନ ହୋଇଥାଏ। ସେହି ପବିତ୍ର ଦିନ ଗୁଡିକ ହେଲା - ପୌଷ ପୂର୍ଣ୍ଣିମା, ଫାଲ୍ଗୁନ ପୂର୍ଣ୍ଣିମା ଅଶ୍ୱିନ ଶୁକ୍ଳ ଦଶମୀ ଏବଂ କାର୍ତ୍ତିକ ପୂର୍ଣ୍ଣିମା । ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁ ବର୍ଗରେ ଭକ୍ତ ଦର୍ଶନ କରି ପାରୁ ନାହାନ୍ତି । ତେଣୁ ରଥ ଉପରେ ସବୁ ବର୍ଗର ଭକ୍ତ ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଡାଉ ରାଜାଙ୍କୁ ଅନୁରୋଧ କରିଥିଲେ । ବାହୁଡା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ତତ୍କାଳୀନ ରାଜା ଅନୁମତି ଦେଇଥିଲେ। ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି କରାଯାଏ ।

ହିନ୍ଦୁ ମାନଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁ ଅଗ୍ରଜ ଶ୍ରୀବଳଭଦ୍ର ମହାପ୍ରଭୁ ଏବଂ ଭଗ୍ନୀ ମା ସୁଭଦ୍ରା ଦେବୀ ରତ୍ନ ସିଂହାସନରେ ବସି ସାରା ପୃଥିବୀର ହିନ୍ଦୁ ଧର୍ମାବଲମ୍ବୀ ଆବାଳ ବୃଦ୍ଧ ବନିତାଙ୍କୁ ଦର୍ଶନ ଦିଅନ୍ତି । ହିନ୍ଦୁ ଧର୍ମ ରକ୍ଷକମାନେ ଅଣ-ହିନ୍ଦୁମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ କରିଛନ୍ତି । ତେଣୁ ପ୍ରଭୁ ସ୍ୱୟଂ ରତ୍ନ ସିଂହାସନରୁ ବାହାରି ନିଜ ଭ୍ରାତା ଏବଂ ଭଗିନୀଙ୍କୁ ନେଇ ବର୍ଷକୁ ଥରେ ମନ୍ଦିର ବାହାରକୁ ଆସି ରଥ ଚଢ଼ି ମାଉସୀ ଗୁଣ୍ଡିଚାଙ୍କ ଘରକୁ ବୁଲି ଯାଆନ୍ତି । ଏହି ନଅ ଦିନ ବ୍ୟାପୀ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ସମୟରେ ଜାତି, ଧର୍ମ , ବର୍ଣ୍ଣ ନିର୍ବିଶେଷରେ ଲକ୍ଷ ଲକ୍ଷ ଭକ୍ତ ବଡ ଦାଣ୍ଡରେ ରଥ ଉପରେ ତିନି ଠାକୁରଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରି ନିଜକୁ ଧନ୍ୟ ମନେ କରନ୍ତି । ଏହି ନଅ ଦିନ ବ୍ୟାପୀ ଯାତ୍ରା ସମୟରେ ବଡ ଠାକୁର ତାଙ୍କ ଅଗ୍ରଜ ତଥା ଭଗ୍ନୀଙ୍କ ପାଇଁ ଅନେକ ନୀତି ନିୟମ ପାଳନ ହୁଏ। ମାଉସୀ ଗୁଣ୍ଡିଚାଙ୍କ ଘରୁ ଫେରି ଶ୍ରୀମନ୍ଦିର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ନନ୍ଦିଘୋଷ, ଦର୍ପଦଳନ ଏବଂ ତାଳଧ୍ୱଜ ରଥ ଉପରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ତିନି ଠାକୁର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଅତୀବ ମନୋରମ ଚକ୍ଷୁ ଝଲସାଇ ଦେଲା ଭଳି ସୁନା ବେଶ ବିଷୟରେ ନିଜ ସୀମିତ ଜ୍ଞାନରୁ କିଛି ଲେଖିବାକୁ ଚେଷ୍ଟା କରିଛି ତେଣିକି ସ୍ୱୟଂ ମହାପ୍ରଭୁଙ୍କ ଇଚ୍ଛା । ଇତିହାସକୁ ଅବଲୋକନ କଲେ ଜଣାପଡେ ଯେ, ରାଜା ଅନଙ୍ଗଭୀମ ଦେବ (୧୨୧୧-୧୨୩୮) ଓଡ଼ିଆଙ୍କ ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ଘୋଷଣା କରିଥିଲେ । ସେହି ସମୟରେ ରାଜା ମହାରାଜାମାନେ ପ୍ରଭୁଙ୍କ ଆଦେଶ ବାହକ ସେବକ ରୂପେ ସେବା କରୁଥିଲେ । କିଛି ରାଜା ମହାପ୍ରଭୁଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରି ରାଜଭିଷେକ ମଧ୍ୟ କରି ଥିଲେ। କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ଏକାଦଶୀ ତିଥିରେ ସୁନାବେଶ କରାଇଥିଲେ । ଅନ୍ୟ କେତେ ଗବେଷକଙ୍କ ମତରେ ରଥ ଉପରେ ସୁନାବେଶ ବଡ଼ ତଡାଉଙ୍କ ପରାମର୍ଶରେ ରାଜା କରାଇଥିଲେ । ରାଜା କପିଳେନ୍ଦ୍ର ଦେବ ୧୪୬୦ରେ କାଞ୍ଚି ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ସୁନା ଅଳଙ୍କାର ଆଣିଥିଲେ ଏବଂ ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳା ଲେଖାରେ ସୂଚନା ରହିଛି । ପ୍ରତିବର୍ଷ ପାଞ୍ଚ ଥର ସୁନାବେଶ ହୋଇଥାଏ ତନ୍ମଧ୍ୟରୁ ଚାରି ଥର ଶ୍ରୀମନ୍ଦିର ମଧ୍ୟରେ ଏହା ସମ୍ପନ୍ନ ହୋଇଥାଏ। ସେହି ପବିତ୍ର ଦିନ ଗୁଡିକ ହେଲା - ପୌଷ ପୂର୍ଣ୍ଣିମା, ଫାଲ୍ଗୁନ ପୂର୍ଣ୍ଣିମା ଅଶ୍ୱିନ ଶୁକ୍ଳ ଦଶମୀ ଏବଂ କାର୍ତ୍ତିକ ପୂର୍ଣ୍ଣିମା । ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁ ବର୍ଗରେ ଭକ୍ତ ଦର୍ଶନ କରି ପାରୁ ନାହାନ୍ତି । ତେଣୁ ରଥ ଉପରେ ସବୁ ବର୍ଗର ଭକ୍ତ ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଡାଉ ରାଜାଙ୍କୁ ଅନୁରୋଧ କରିଥିଲେ । ବାହୁଡା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ତତ୍କାଳୀନ ରାଜା ଅନୁମତି ଦେଇଥିଲେ । ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି କରାଯାଏ । ଏବେ ଏଥିରେ କିଛି ପରିବର୍ତ୍ତନ ହୋଇଛି, ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଭଣ୍ଡାର ଗୃହରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ ପୋଲିସ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ / ପରିଚାଳକଙ୍କ ଉପସ୍ଥିତିରେ ତିନି ଠାକୁରଙ୍କ ସୁନା ବେଶ ନିମନ୍ତେ ଅଳଙ୍କାର ଗଣତି କରି ଆଣିଥାନ୍ତି । ତିନି ରଥରେ ରଥାରୂଢ଼ ଦାରୁ ଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରମୁଖ ସୁନାବେଶ ଆଭୂଷଣ ପରିଧାନ କରାଇ ଥାନ୍ତି ।





ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ହେଲା – ଶ୍ରୀଜଗନ୍ନାଥ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଟି, ତ୍ରିଖଣ୍ଡିକା, କମରପଟି ଇତ୍ୟାଦି।

ଅଗ୍ରଜ ବଳଭଦ୍ରଙ୍କର ଠାରେ ଲାଗି ହେଉଥିବା ଅଳଙ୍କାରଗୁଡିକ ହେଲା – ଶ୍ରୀବଳଭଦ୍ର କିରୀଟ, ଶ୍ରୀପୟର, ଶ୍ରୀଭୁଜ,ହଳ ଓ ମୂଷଳ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି,କଦମ୍ବ ମାଳି, ବାହାଡ଼ା ମାଳି ବାଘନଖ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଟି, ତ୍ରିଖଣ୍ଡିକା, କମରପଟି ଇତ୍ୟାଦି। ଭଗ୍ନୀ ସୁଭଦ୍ରାଙ୍କ ଠାରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ହେଲା– ଦେବୀସୁଭଦ୍ରାଙ୍କ କିରୀଟ, ଓଡ଼ିଆଣୀ, କାନ,ଚନ୍ଦ୍ରସୂର୍ଯ୍ୟ,ଘାଗଡ଼ା ମାଳି,କଦମ୍ବ ମାଳି, ସେବତୀ ମାଳି,ତଗଡ଼ି ଇତ୍ୟାଦି ।

ଜଗତର ନାଥ ଜଗନ୍ନାଥ ଏବଂ ତାଙ୍କ ମହିମା ବଖାଣି ବସିଲେ ସରିବନି , ଭକ୍ତ ଭଗବାନଙ୍କ ମଧ୍ୟରେ ଅନ୍ତରର ମିଳନ, ଆଧ୍ୟାତ୍ମିକ ଭାବ, ଭକ୍ତି ଏବଂ ଶାନ୍ତିର ବାର୍ତ୍ତା ବହନ କରି ଅସଂଖ୍ୟ ଜଗନ୍ନାଥ ପ୍ରେମୀଙ୍କୁ ସ୍ୱୟଂ ଜଗନ୍ନାଥ ଶ୍ରୀ ମନ୍ଦିର ବାହାରେ ରଥାରୂଢ଼ ହୋଇ ଆଶୀର୍ବାଦ ଦେଉଛନ୍ତି । ଅନେକ ଭକ୍ତ ଅପଲକ ନୟନରେ ଛଳ ଛଳ ଚକ୍ଷୁରେ ତିନି ଠାକୁରଙ୍କ ଦିବ୍ୟ ଦର୍ଶନ କରି ମୋକ୍ଷ ପ୍ରାପ୍ତି ପାଇଁ କାମନା କରୁଛନ୍ତି । ଲକ୍ଷ ଲକ୍ଷ ଭକ୍ତ ବଡ଼ ଠାକୁରଙ୍କୁ ନିଜ ପରିବାରର ସୁଖ ଶାନ୍ତି ସହିତ ସାରା ପୃଥିବୀର ଶାନ୍ତି କାମନା କରି ପୂଜାର୍ଚ୍ଚନା କରୁଛନ୍ତି । ବଡ଼ ଠାକୁରଙ୍କ ସୁ ଦୃଷ୍ଟି ଦ୍ୱାରା ଧନ୍ୟ ହୁଅନ୍ତି ଭକ୍ତ ଧନ୍ୟ ହେବ ଜଗତ। ଏହାହିଁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଅସୀମ ଦୟା ।

କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ସୃଜନଶୀଳ ପ୍ରଶାସନ ଦ୍ୱାରା ପରିବେଶର ସ୍ଥାୟୀ ପରିବର୍ତ୍ତନ



ଭୂପେନ୍ଦ୍ର ଯାଦବ

ପରିବେଶ କୁଜନେଟ୍ସ ବକ୍ରରୁ ମିଳିଥିବା ପରିବେଶ ପ୍ରଶାସନ ସହିତ ଜଡ଼ିତ ପାରମ୍ପରିକ ଜ୍ଞାନ ଅନୁସାରେ ଦେଶ ପ୍ରଥମେ ବିକଶିତ ହୁଏ, ତା ପରେ ସଫେଇ କାମ କରାଯାଏ। ଏହି ଅଭିଜ୍ଞତା ସେହି ଦେଶଗୁଡ଼ିକରୁ ମିଳିଛି ଯେଉଁ ଦେଶ ଆଗରୁ ହିଁ ବିକଶିତ ହୋଇସାରିଲେଣି, ଯେଉଁମାନେ ବିକାଶ ପ୍ରକ୍ରିୟା ପାଇଁ ଦରକାର ହେଉଥିବା ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଦେଶ ବିଦେଶରେ ପ୍ରାକୃତିକ ପରିବେଶକୁ ଜଳାଞ୍ଜଳି ଦେଇଛନ୍ତି। କିନ୍ତୁ ଏପରି ସୁଯୋଗ ଭାରତ ପରି ଦେଶର ଭାଗ୍ୟରେ ନାହିଁ ଯେଉଁମାନଙ୍କୁ ନିଜର ବିଶାଳ ଜନସଂଖ୍ୟାକୁ ବିକାଶ ସଂପର୍କିତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଏବେ ମଧ୍ୟ ଦ୍ରୁତ ଗତିରେ ବିକାଶ କରିବାର ଆବଶ୍ୟକତା ଅଛି।

ଯେତେବେଳେ ୨୦୧୪ରେ ଏନଡିଏ କ୍ଷମତାକୁ ଆସିଲା, ସେତେବେଳେ ଚ୍ୟାଲେଞ୍ଜ ଥିଲା-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ ସିଦ୍ଧାନ୍ତ –" ସୁଧାର, ପ୍ରଦର୍ଶନ ଓ ପରିବର୍ତ୍ତନ"– ଆଧାରରେ ବିକାଶ ଓ ପ୍ରଗତିକୁ କେମିତି ଗତି ପ୍ରଦାନ କରାଯିବ। ଏହି ସିଦ୍ଧାନ୍ତ ଅନୁସାରେ ପରିବେଶ ସୁରକ୍ଷାର କଡ଼ା ନିୟମ ସହିତ ସାଲିସ ନ କରି କେମିତି ଆବଶ୍ୟକତା ଅନୁସାରେ 'ସହଜରେ ବ୍ୟବସାୟ କରିବା'ର ସୁବିଧା ପ୍ରଦାନ କରି ଦ୍ରୁତ ଗତିରେ ବିକାଶ କରାଯିବ। ଆଜି ୨୦୨୫ରେ ଆମେ ଯେ କେବଳ ସେହି ଚ୍ୟାଲେଞ୍ଜର ମୁକାବିଲା କରିବାରେ ସଫଳ ହୋଇଛୁ ତାହା ନୁହେଁ, ଆମେ ଶାସନର ଏମିତି ମଡେଲ ପ୍ରସ୍ତୁତ କରିଛୁ ଯାହାକୁ ସାରା ବିଶ୍ୱ ପ୍ରଶଂସା କରୁଛି।

୨୦୧୪ରେ ରେ 'ସ୍ୱଚ୍ଛ ଭାରତ ମିଶନ'ର ଶୁଭାରମ୍ଭ ଆମର ପ୍ରଥମ ବଡ଼ ଅଭିଯାନ ଥିଲା। ଏହି ଅଭିଯାନ ସ୍ୱଚ୍ଛତାରୁ ଆଗକୁ ଯାଇ ପରିବେଶର ସୁରକ୍ଷା ପାଇଁ ଆବର୍ଜନାର ପରିଚାଳନାକୁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥାରେ ପରିଣତ କରିଛି। ଏହି ମିଶନ ପରିବେଶ ସହିତ ଜଡ଼ିତ ସମସ୍ୟାକୁ ସାମାଜିକ ବିକାଶ ସହିତ ଯୋଡ଼ିବାର ଆମର ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

ଶକ୍ତି ସଂପର୍କିତ ଦକ୍ଷତାକୁ ପ୍ରୋତ୍ସାହନ ଦେବା ପାଇଁ ଓ ଶକ୍ତି ଉପରେ ଆଧାରିତ ଅଧିକ ସଂଖ୍ୟକ ଶିଳ୍ପକୁ ସାମିଲର ଲକ୍ଷ୍ୟ ନେଇ ୨୦୧୫ରେ ପ୍ରଦର୍ଶନ, ଉପଲବ୍ଧି ଓ ରୂପାନ୍ତର (ପିଏଟି) ଯୋଜନାକୁ ବ୍ୟାପକ କରାଗଲା। ଏହା ଦ୍ୱାରା ଶକ୍ତି ସଂପର୍କିତ ଦକ୍ଷତା ବୃଦ୍ଧି ପାଇଁ ବଜାର-ଆଧାରିତ ପ୍ରଶାସନର ନିର୍ମାଣ ହେଲା।

ଆବର୍ଜନାର ପ୍ରଭାବୀ ପରିଚାଳନା, ସମ୍ବଳ ସଂପର୍କିତ ଦକ୍ଷତାର ବୃଦ୍ଧି ଓ ଅର୍ଥନୀତିର ଚକ୍ରକୁ ପ୍ରୋତ୍ସାହନ ପ୍ରଦାନର ଲକ୍ଷ୍ୟ ନେଇ ୨୦୧୬ରୁ ଆବର୍ଜନା ପରିଚାଳନାର ସମସ୍ତ ପ୍ରମୁଖ ନିୟମକୁ ନିୟମିତ ଭାବେ ଅନୁଧାନ କରାଯାଉଛି। ଏହି ଦୃଷ୍ଟିକୋଣର ମୂଳଦୁଆ ସିଦ୍ଧାନ୍ତ ବଜାର ଆଧାରିତ ପ୍ରଶାସନ ଓ 'ପ୍ରଦୂଷଣକାରୀ ଦ୍ୱାରା ପ୍ରଦାନର ନିୟମ' ଉପରେ ଆଧାରିତ ବିସ୍ତାରିତ ଉତ୍ପାଦକ ଉତ୍ତରଦାୟିତ୍ୱ ସହିତ ଜଡ଼ିତ ଢାଞ୍ଚା ଉପରେ ନିର୍ଭରଶୀଳତାରେ ନିହିତ ଅଛି। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ଆଇନ, ଇ-ଆବର୍ଜନା ପରିଚାଳନା ନିୟମ ତଥା ଟାୟାର, ବ୍ୟାଟେରି ଓ ବ୍ୟବହୃତ ତେଲର ଅବଶିଷ୍ଟାଂଶ ପରିଚାଳନା ନିୟମ ଆଦି ସେହି ସିଦ୍ଧାନ୍ତଙ୍କ ଆଧାରରେ ପ୍ରସ୍ତୁତ କରାଯାଇଥିଲା। ଏହା ଦ୍ୱାରା ଏପରି ଏକ ବ୍ୟବସ୍ଥାର ନିର୍ମାଣ ହେଲା, ଯାହା ଦ୍ୱାରା ବିଭିନ୍ନ ସାମଗ୍ରୀରେ ପ୍ରାୟ ୪୦୦୦ ପୁନର୍ବ୍ୟବହାରକାରୀଙ୍କୁ ପଂଜୀକୃତ ପୁନର୍ବ୍ୟବହାରକାରୀ ଭାବେ ଅଣସଂଗଠିତ କ୍ଷେତ୍ରରୁ ହଟାଇ ସଂଗଠିତ କ୍ଷେତ୍ରକୁ ଅଣାଗଲା। ଏହି ପଦକ୍ଷେପ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ ୧୬୦୦ କୋଟିରୁ ଅଧିକ ରାଜସ୍ୱ ମିଳିଛି।

୨୦୧୯ ମସିହାରେ ସହରଗୁଡ଼ିକୁ କେନ୍ଦ୍ର କରି ହୋଇଥିବା ଯୋଜନାରେ ଭରପୂର 'ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି) ର ଆନୁଷ୍ଠାନିକ ଶୁଭାରମ୍ଭ ଆମକୁ ନୀତି ନିର୍ମାତା ଏବଂ ନିୟାମକରୁ କାର୍ଯ୍ୟାନ୍ୱୟନକାରୀରେ ପରିଣତ କରିଛି। ଏନସିଏପି ଲକ୍ଷ୍ୟ ରଖିଛି ୨୦୨୫-୨୬ ସୁଦ୍ଧା ପିଏମ ୧୦ ସାନ୍ଦ୍ରତାକୁ ୪୦ ପ୍ରତିଶତ ହ୍ରାସ କରାଯିବ କିମ୍ବା ୨୦୧-୧୮ ମୂଳ ବର୍ଷ ତୁଳନାରେ ପ୍ରତି ଘନ ମିଟରରେ ୬୦ ମାଇକ୍ରୋଗ୍ରାମର ଜାତୀୟ ମାନଦଣ୍ଡ ହାସଲ କରାଯିବ। ଏନ୍‌ସିଏପି ସହିତ ସିପିସିବି ମଧ୍ୟ ଏନ୍‌ସିଏପି ଅଧୀନରେ ଥିବା ୧୩୧ ଟି ସହରରେ ବାୟୁର ମାନ କେମିତି ଅଛି, ତାର ଧାରା ଉପରେ କଡ଼ା ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଦ୍ୱାରା ବାୟୁ ଗୁଣବତ୍ତାରେ ନିରନ୍ତର ଉନ୍ନତି ଆସିଛି। ୨୦୨୧ ମସିହାରେ କାଗଜବିହୀନ ପ୍ରକଳ୍ପ ପରିଚାଳନା ପାଇଁ ଏକକ ୱେବ୍-ଆଧାରିତ ଉପକରଣ ଭାବରେ ଅଣ-ପ୍ରାପ୍ତି ସହରଗୁଡ଼ିକରେ ବାୟୁ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ପୋର୍ଟାଲ୍ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ସ୍ୱଚ୍ଛ ବାୟୁ ସମ୍ପର୍କିତ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନର ଭୌତିକ ଏବଂ ଆର୍ଥିକ ପ୍ରଗତି ଉପରେ ନଜର ରଖିବା ସମ୍ଭବ ହେବ।

୧ ଜୁଲାଇ ୨୦୨୨ ରୁ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ନିଷେଧାଦେଶ ଏବଂ ୩୧ ଡିସେମ୍ବର ୨୦୨୨ ରୁ ୧୨୦ ମାଇକ୍ରନରୁ ଅଧିକ ମୋଟେଇ ପ୍ଲାଷ୍ଟିକ ଉପରେ ନିଷେଧାଦେଶ ପରିବେଶ କ୍ଷେତ୍ରରେ ସାହସିକ ନେତୃତ୍ୱର ପରିଚୟ ଦେଇଥିବା ବେଳେ ସେହି ବର୍ଷ ଆରମ୍ଭ ହୋଇଥିବା 'ଜଳ ଜୀବନ ମିଶନ' ଜଳ ଉପଲବ୍ଧତାକୁ ପରିବେଶଗତ ସ୍ଥିରତା ସହିତ ଯୋଡ଼ିଛି।

ଏକ ବ୍ୟାପକ ' ଭାରତ ଶୀତଳୀକରଣ କାର୍ଯ୍ୟଯୋଜନା' ବିକଶିତ କରିବାରେ ବିଶ୍ୱର ଅଗ୍ରଣୀ ଦେଶ ତାଲିକାରେ ସାମିଲ ହୋଇଛି ଭାରତ।

ହାଇଡ୍ରୋଫ୍ଲୋରୋକାର୍ବନ (ଏଚ୍‌ଏଫ୍‌ସିଏସ୍) ର ନିର୍ଗମନକୁ ପର୍ଯ୍ୟାୟ କ୍ରମେ ହ୍ରାସ କରିବା ପାଇଁ ଭାରତ ୨୭ ସେପ୍ଟେମ୍ବର ୨୦୨୧ ରେ ମଣ୍ଟ୍ରିଲ ପ୍ରୋଟୋକଲର କିଗାଲି ସଂଶୋଧନକୁ ଅନୁମୋଦନ କରିଥିଲା। ଏହା ଅଧୀନରେ, ୨୦୩୨ ପରେ ଚାରିଟି ପର୍ଯ୍ୟାୟରେ ପର୍ଯ୍ୟାୟ କ୍ରମେ ଏହାକୁ ସଂପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦିଆଯାଇଛି ଏବଂ ୨୦୩୨, ୨୦୩୭, ୨୦୪୨ ଓ ୨୦୪୭ ମସିହାରେ ଯଥାକ୍ରମେ ୧୦ ପ୍ରତିଶତ, ୨୦ ପ୍ରତିଶତ, ୩୦ ପ୍ରତିଶତ ଏବଂ ୮୫ ପ୍ରତିଶତ ନିର୍ଗମନ ହ୍ରାସ କରାଯିବ। ୨୦୨୨ ମସିହାରେ ଗୃହୀତ ହୋଇଥିବା ଶକ୍ତି ସଂରକ୍ଷଣ (ସଂଶୋଧନ) ଆଇନ ଭାରତର କାର୍ବନ କ୍ରେଡିଟ୍ ବାଣିଜ୍ୟ ଯୋଜନାର ଶୁଭାରମ୍ଭ କରିଥିଲା। ଏହା ଦ୍ୱାରା କାର୍ବନ ନିର୍ଗମନ ହ୍ରାସ ପାଇଁ ଏକ ବଜାର-ଆଧାରିତ ପ୍ରଶାସନ ସୃଷ୍ଟି ହୋଇଥିଲା। ୨୦୨୩ ମସିହାରେ ଶକ୍ତି ଦକ୍ଷତା ବ୍ୟୁରୋ ଅଧୀନରେ ଆମର କାର୍ବନ କ୍ରେଡିଟ୍ ବାଣିଜ୍ୟ ଯୋଜନାର କାର୍ଯ୍ୟକାରିତା ଦେଶର ପ୍ରଥମ ବ୍ୟାପକ କାର୍ବନ ବଜାର ନିର୍ମାଣ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ୧ ନଭେମ୍ବର ୨୦୨୧ ରେ ଗ୍ଲାସଗୋରେ ସିଓପି ୨୬ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା 'ମିଶନ ଲାଇଫ୍' (ପରିବେଶ ପାଇଁ ଜୀବନ ଶୈଳୀ) ହେଉଛି ମାନବ ଆଚରଣକୁ ନିୟନ୍ତ୍ରଣ କରି ସ୍ଥାୟୀ ବ୍ୟବହାର ଢାଞ୍ଚାକୁ ପ୍ରୋତ୍ସାହିତ କରିବାର ଆଉ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ।

କାର୍ବନ କ୍ରେଡିଟ୍ ବ୍ୟତୀତ, ୨୦୨୩ ମସିହାରେ ୟୁଏଇରେ ସିଓପି ୨୮ ସମୟରେ 'ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍' ରୂପରେ ଏକ ସକାରାତ୍ମକ ପଦକ୍ଷେପ ଆରମ୍ଭ କରାଯାଇଛି। ଏହାର ଲକ୍ଷ୍ୟ ହେଲା ପରିବେଶ ସୁରକ୍ଷା ଦିଗରେ ସକାରାତ୍ମକ କାର୍ଯ୍ୟକୁ ପୁରସ୍କୃତ କରାଯାଇପାରିବ ଓ ସ୍ୱେଚ୍ଛାକୃତ ପରିବେଶ ପରିଚାଳନାକୁ ଉତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା।

୨୦୨୪ରେ ସାରା ଦେଶରେ ଭାରତ ଷ୍ଟେଜ୍ ଷଷ୍ଠ (ବିଏସ୍ –ଷଷ୍ଠ ) ନିର୍ଗମନ ମାନଦଣ୍ଡକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ସହିତ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ପାଇଁ ଆମର ସବୁଜ କର ବ୍ୟବସ୍ଥା (ଗ୍ରୀନଟେକ୍ସୋନମି)ର ବିକାଶ ଏପରି ପଦକ୍ଷେପ ଯାହା କି ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ପଦକ୍ଷେପଗୁଡ଼ିକ ଏହା ମଧ୍ୟ ଦର୍ଶାଏ ଯେ ପରିବେଶଗତ ପ୍ରଶାସନ କିପରି ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ଆର୍ଥିକ ନବସୃଜନକୁ ପ୍ରୋତ୍ସାହିତ କରିପାରେ।

ପରିବେଶ ଅନୁକୂଳ ଏବଂ ଗୁଣାତ୍ମକ ମଜଭୁତ ଉତ୍ପାଦର ଉତ୍ପାଦନ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ଇ(ପି) ଆଇନ, ୧୯୮୬ ଅନ୍ତର୍ଗତ ଇକୋମାର୍କ ନିୟମ, ୨୦୨୪ର ବିଜ୍ଞପ୍ତି ପ୍ରକାଶ କରିଛି। ଏଥିରେ ଉତ୍ପାଦନ ଏବଂ ଉପଯୋଗର ମଜଭୁତ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ୮୦ଟି ଉପ-ବର୍ଗ ଉତ୍ପାଦ ସହିତ ୧୭ ଟି ବ୍ୟାପକ ବର୍ଗକୁ ସାମିଲ କରାଯାଇଛି ଏବଂ ସିପିସିବିକୁ ପ୍ରମୁଖ ପ୍ରାଶାସନିକ ସଂସ୍ଥା ଭାବରେ ନାମିତ କରାଯାଇଛି।

ଶିଳ୍ପସଂସ୍ଥାଗୁଡ଼ିକରୁ ବର୍ଜ୍ୟବସ୍ତୁ ନିର୍ଗମନକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ପଦ୍ଧତି ଗ୍ରହଣ କରିବା ଲାଗି ଉତ୍ସାହିତ କରିବାକୁ ଏବଂ ନିୟମ ମାନିବାର ବୋଝକୁ ହ୍ରାସ କରିବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକର ବର୍ଗୀକରଣର ଏକ ନୂତନ ପଦ୍ଧତି ପ୍ରଚଳନ କରାଯାଇଛି।

ଆମେ ଆଗକୁ ବଢ଼ିବା ସହିତ ଆମର ପରିବେଶ ସହିତ ଜଡ଼ିତ ଆମର ପ୍ରଶାସନ ଢାଞ୍ଚା ବିକଶିତ ହେଉଛି। ଏଥିରେ ରହିଛି ଉନ୍ନତ ଏଆଇ କ୍ଷମତା, ଉନ୍ନତ ଜନଭାଗିଦାରୀ ପ୍ରଶାସନ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ପରିବେଶ ପରିଚାଳନା ବ୍ୟବସ୍ଥା। ଉନ୍ନତ ଡିଜିଟାଲ ନିରୀକ୍ଷଣ ବ୍ୟବସ୍ଥା ଓ ଇଏସଜି ରିପୋର୍ଟିଂର ଠୋସ୍ ବ୍ୟବସ୍ଥା ସମେତ ୨୦୨୫ ମସିହାରେ ହୋଇଥିବା ସାମ୍ପ୍ରତିକ ବିକାଶ ପ୍ରଦର୍ଶିତ କରୁଛି ଅତ୍ୟାଧୁନିକ ରହିବା ନେଇ ପ୍ରତିଶ୍ରୁତିବଦ୍ଧତା।

ନାଲି ଫିତା ଶାସନରୁ ଆରମ୍ଭ କରି ସବୁଜ ସୃଜନଶୀଳ ପର୍ଯ୍ୟନ୍ତ ଏକ ଦଶନ୍ଧିର ଏହି ଯାତ୍ରା ଦର୍ଶାଉଛି ଯେ, ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ବହୁତ କିଛି ହାସଲ କରିପାରିବ। ପରିବେଶ ସଂରକ୍ଷଣ ଓ ଆର୍ଥିକ ବିକାଶ ମଧ୍ୟରେ ସନ୍ତୁଳନ ରଖିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଷ୍ଟିକୋଣ ଶାସନର ଏପରି ଏକ ମଡେଲ ପ୍ରସ୍ତୁତ କରିଛି ଯାହାକି ଏକା ସାଙ୍ଗରେ ଅନେକ ଲକ୍ଷ୍ୟପୂରଣ କରୁଛି। ଏବେ ଯେତେବେଳେ ଆମେ ବିକଶିତ ଭାରତ@୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଅଗ୍ରସର ହେଉଛୁ, ଏକ ଦଶକରୁ ଅଧିକ ସମୟରେ ଲାଗୁ କରାଯାଇଥିବା ପରିବେଶ ସଂପର୍କିତ ପ୍ରାଶାସନିକ ଢାଞ୍ଚା ସ୍ଥାୟୀ ବିକାଶ ପ୍ରତି ଦୃଢ ମୂଳଦୁଆ ପ୍ରଦାନ କରୁଛି। *(ପିଆଇବି)*

**କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ**

# ୮ ବସ୍ତା ଗଞ୍ଜେଇ ଜବତ

କେନ୍ଦୁଝର,୫ ।୭ (ନିପ୍ର): କେନ୍ଦୁଝର ସଦର ଥାନା ଅଧିକାରୀ ଏକ ବିଶେଷ ସୁତ୍ରରୁ ଖବର ପାଇ ଏସ୍.ଆଇ ସ୍ୱରୂପ ରଞ୍ଜନ ନାଏକ ଓ ସୂର୍ଯ୍ୟନାରାୟଣ ରାଉତରାୟ ଏନ୍.ଏଚ୍ ନିକଟବର୍ତ୍ତୀ ବେଲେଦା ଠାରେ ନାକାବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହି ସମୟରେ କେନ୍ଦୁଝର ପଟୁ ପଶ୍ଚିମବଙ୍ଗ ଆଡ଼କୁ ଦ୍ରୁତ ଗତିରେ ଧଳା ରଙ୍ଗର ହୋଣ୍ଡା ଇମେଜ କାର ଓଡି୦୨ସିଏମ୍ ୮୯୨୮ ରେ ୮ ବସ୍ତା ଗଞ୍ଜେଇ ସମୁଦାୟ ୧ କ୍ୱିଣ୍ଟାଲ ୪୦ କିଲୋ ୪୪୦ ଗ୍ରାମ ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ । ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯିବା ସମୟରେ ସେମାନେ ଦୁଇ ଜଣ ଅମଲ ଦେହୁରୀ ଘର ରଘୁନାଥପୁର୍ ଥାନା ଟାଉନ୍ ଜିଲ୍ଲାବୌଦ୍ଧ ଓ ଶୁଭେନ୍ଦୁ ବେହେରା ଘର ସରସରା ଥାନା ଟାଉନ୍ ଜିଲ୍ଲା ବୌଦ୍ଧ । ଏମାନେ ବୌଦ୍ଧ ଜିଲ୍ଲାରୁ କଲିକତାକୁ ଭାୟା କେନ୍ଦୁଝର ଦେଇ ଯାଉଥିଲେ । ସଦର ଥାନା ପୋଲିସ ଉଭୟଙ୍କୁ ଗିରଫ କରି କେସ୍ ନଂ ଦଫା ୩୭୩/ ୨୫କେସ୍‌ର୍ ରୁଜୁ କରି କୋର୍ଟ ଚାଲାଣ କରିଛି ।

# ଜାତୀୟସ୍ତରୀୟ ବୁଥ ଅଧିକାରୀଙ୍କ ପାଇଁ ତାଲିମ

ପାରଳାଖେମୁଣ୍ଡି,୫ ।୭ (ନିପ୍ର); ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜାତୀୟ ସ୍ତରୀୟ ବୁଥସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନିନ୍ଦ୍ର ହନେଗା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ୱିତୀୟ ଦିବସ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଓ ସହକାରୀ ଜିଲ୍ଲାପାଳ ନିର୍ବାଚନ ବିଭାଗ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭାରତ ନିର୍ବାଚନ କମିଶନର ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲାର ୧୩୬-ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ ସଂଖ୍ୟା -୨୯୭ ଗୋଟି ଓ ୧୩୭-ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ସଂଖ୍ୟା -୨୭୬ଗୋଟିର ବୁଥସ୍ତରୀୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଦ୍ୱିତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୧୦୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ନୂତନ ଭୋଟର ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗ କରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା ,ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ,ଫର୍ମ -୭ ରେ ନାମକୁ ବାଦ କରିବା, ଫର୍ମ -୮ ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ଯୋଗ୍ୟ ବିବେଚିତ ଭୋଟର ମାନେ ଅନଲାଇନ୍ ମାଧ୍ୟମରେ www.nvsp.voterportal.eci.gov.in ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ମଧ ଫର୍ମ -୬,୭,୮ ଓ ୬ଖ ରେ ଆବେଦନ କରିପାରିବେ ।

# ମା'ଙ୍କ ନାମରେ ଗୋଟିଏ ଗଛ

କୃଷ୍ଣପ୍ରସାଦ,୫ ।୭ (ନିପ୍ର); ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ଓ ପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ବବୁଲ ମଲ୍ଲିକଙ୍କ ନେତୃତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱ ରଞ୍ଜନ ଜେନା, ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ବନମହୋତ୍ସବର ଉଦ୍ଦେଶ୍ୟ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ତତ୍ ସଙ୍ଗେ ସଙ୍ଗେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଙ୍କ ନାମରେ ଗୋଟିଏ ଗଛ ଲଗେଇବା ସକାଶେ ଆହ୍ୱାନ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ନିଜ ନିଜ ଗ୍ରାମରେ ବୃକ୍ଷ ରୋପଣ କରିବାକୁ ଅନୁରୋଧ କରିଥିଲେ । ବିଦ୍ୟାଳୟ ପରିସରରେ ଅଁଳା,ବେଲ, ଆମ୍ବ,ଡାଲିମ୍ବ ଭଳି ବିଭିନ୍ନ କିସମର ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା । ବନପାଳ ଗୌରାଙ୍ଗ ପ୍ରଧାନ, ବନରକ୍ଷୀ ଅନିଲ କୁମାର ସାହୁ ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର କୁମାର ସାହୁ, ରାମଚନ୍ଦ୍ର ମୁଣ୍ଡା ସମେତ ସମସ୍ତ ଛାତ୍ରଛାତ୍ରୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ପିଟିଶାଳ ସେକ୍ସନ ସହଯୋଗରେ ବାଲିପାଟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପରିବେଶବିତ ନିର୍ମଳ କୁମାର ରଣସିଂହ ଯୋଗଦେଇ ଥିବାବେଳେ ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଜାତୀୟ ଚାରା ରୋପଣ କରାଯାଇଥିଲା । ବନରକ୍ଷୀ ସନ୍ତୋଷ କୁମାର ସାହୁ ସମେତ ଛାତ୍ରଛାତ୍ରୀ ଏବଂ ବନ ବିଭାଗ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ।

# ବାରଣ୍ଡାରେ ପାଠପଢ଼ା, ପରିଦର୍ଶନ କଲେ ବିଇଓ


କେସିଙ୍ଗା-୫/୭ (ନିପ୍ର) କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନ ବାଲସି ପଞ୍ଚାୟତର କୋକୋଡ଼ମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତରୁ ବର୍ଷା ପାଣି ଗଳୁଥିବାରୁ ଛାତ୍ରୀଛାତ୍ର ଗୁରୁବାର ସ୍କୁଲ ବାରଣ୍ଡାରେ ବସି ଅଧ୍ୟୟନ କରୁଥିବା ଖବର 'ଦିନଲିପି' ଏକ ସଂସ୍କରଣରେ ପ୍ରକାଶ ପାଇଥିଲା । ଏହାକୁ ଦେଖି ତତ୍ପରତା ସହିତ ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଉକ୍ତ ସ୍କୁଲକୁ ପରିଦର୍ଶନରେ ଆସିଥିଲେ । ଶ୍ରେଣୀ ଗୃହରେ ପାଣି ଗଳୁଥିବାରୁ ବାରୁଣ୍ଡାରେ ଛାତ୍ରଛାତ୍ରୀ ମାନେ ପାଠପଢା ଦେଖି ତୁରନ୍ତ ସ୍କୁଲ ଗୃହ ନିର୍ମାଣ କରାଯିବ ତାହା ମୁଁ ବିଡ଼ିଓଙ୍କ



ସହିତ କଥା ହୋଇ ବ୍ୟବସ୍ଥା କରୁଛି । ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ଶୀଘ୍ର ଅନ୍ୟ ଜାଗାକୁ ସ୍ଥାନାନ୍ତର କରାଯିବ ବୋଲି ବିଇଓ ଆନନ୍ଦ କୁମାର ବେହେରା କହିଥିଲେ । ଲଘୁଚାପ ଜନିତ ବର୍ଷାରେ ଶ୍ରେଣୀ ଗୃହ, ରୋଷେଇ ଘର, କାର୍ଯ୍ୟାଳୟ ଓ ଗୋଦାମରେ ପାଣି ଗଳୁଛି । ସ୍କୁଲ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି । ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ପିଲାଙ୍କୁ ସ୍କୁଲ ବାରଣ୍ଡାରେ ବସାଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଏନେଇ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁ ଙ୍କୁ ପଚାରିବାରୁ ବିଇଓଙ୍କ ସହିତ ବ୍ଲକର ଜେଇଙ୍କୁ ପଠାଇ ଥିଲି ନୂଆ କୋଠା ନିର୍ମାଣ କରିବାର ଆବଶ୍ୟକତା ରହିଛି ତାହାର ବ୍ୟବସ୍ଥା କରୁଛି ବୋଲି ପ୍ରକାଶ କରିଥିଲେ ।

# ପାଣିଟାଙ୍କି ଉପରକୁ ଚଢ଼ିଥିବା ପାଗଳି ଉଦ୍ଧାର ହେଲା

କେନ୍ଦୁଝର,୫ ।୭ (ନିପ୍ର) : କେନ୍ଦୁଝର ଜିଲ୍ଲାର ଘଟଗାଁ ମାଆ ତାରିଣୀ ପୀଠ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସ୍ଥଳ । ପ୍ରତିଦିନ ଏଠାକୁ ରାଜ୍ୟ ତଥା ଦେଶରୁ ହଜାର ହଜାର ଭକ୍ତ ଆସନ୍ତି । ତେବେ ଏବେ ଦେଖାଯାଉଛି ଘଟଗାଁ ଅଂଚଳରେ ଅନେକ ମାନସିକ ବିକୃତ ଲୋକ ବୁଲୁଛନ୍ତି ଏମାନେ ପ୍ରକୃତରେ ଏପରି କି ଚୋରି ଡକାୟତି ଲାଗି ଏପରି ରୂପ ଧାରଣ କରି ବୁଲନ୍ତି ତାହା ସନ୍ଦେହଜନକ । ତେବେ ମାଆ ତାରିଣୀ



ପୀଠରେ ଆର୍ଶୀବାଦ ପାଇ ଭଲ ହେବେ ବୋଲି କେହି ଏମାନଙ୍କୁ ଏଠାରେ ଛାଡ଼ି ଦେଇ ଥିବାର ମଧ୍ୟ ଅନୁମାନ କରାଯାଏ । ତେବେ ଆଜି ସକାଳେ ଏକ ମାନସିକ ବିକୃତ ଥିବା ମହିଳା ସିଧା ଏଠାରେ ଥିବା ଶନି ମନ୍ଦିର ପାଖ ଓଭର ହେଡ଼ ପାଣି ଟାଙ୍କି ଉପରକୁ ଚଢି ଯାଇଥିଲା । ବଜାର ଲୋକେ ତାକୁ ଓହ୍ଲାଇ ଆସିବାକୁ ଯେତେ କହିଲେ ସେ ଶୁଣି ନଥିଲା ଶେଷରେ ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ଗାଡ଼ି ଧରି ଆସି ପହଂଚି ଥିଲେ । ସେମାନେ ମଧ ଉଦ୍ଧାର ଲାଗି ଉଦ୍ୟମ କରି ନୟାନ୍ତ ହୋଇଥିଲେ । ଶେଷରେ ଉକ୍ତ ମହିଳା ଏପଟେ ସେପଟେ ହେଉଥିବା ସମୟରେ ତାକୁ ଉଦ୍ଧାର କରାଯାଇଛି ।

# ଜନବିରୋଧ ନୀତି ବିରୋଧରେ ୯ ଜୁଲାଇ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ

ରାଉରକେଲା,୫ ।୭ (ନିପ୍ର); ଦେଶର ୧୦ଟି ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ (ଟ୍ରେଡ୍ ୟୁନିୟନ) ଓ କର୍ମଚାରୀ ସଂଗଠନମାନେ ଚଳିତ ଜୁଲାଇ ୯ ତାରିଖ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଓ ହରତାଳ ପାଇଁ ଡାକରା ଦେଇଛନ୍ତି । ଏହି ଧର୍ମଘଟରେ ଶ୍ରମିକଶ୍ରେଣୀ, କୃଷକ, କ୍ଷେତମଜଦୂର, ଶ୍ରମଜୀବୀମାନେ କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ରାଜରାସ୍ତାରେ ପ୍ରତିବାଦର ସ୍ୱର ଉତ୍ତୋଳନ ସହିତ କଳ କାରଖାନାର ଶ୍ରମିକମାନେ ହରତାଳରେ ସାମିଲ ହେବେ ବୋଲି ଆଜି ସେକ୍ଟର-୧୬ ସିଆଇଟିୟୁ ଶ୍ରମିକ ସଙ୍ଗଠନ କାର୍ଯ୍ୟାଳୟ ଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତାମାନେ ସୂଚନା ଦେଇଛନ୍ତି । ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଥିଲା ଯେ ବିଜେପି ନେତୃତ୍ୱରେ କେନ୍ଦ୍ର ସରକାର ଭାରତବର୍ଷର ଶ୍ରମିକଶ୍ରେଣୀ ସ୍ୱାଧୀନତା ପୂର୍ବରୁ ପାଇଥିବା ୮ ଘଣ୍ଟା କାମ କରିବାର ଅଧିକାର ଛଡ଼ାଇ ନେଉଛନ୍ତି । ୧୨ଘଣ୍ଟା କାର୍ଯ୍ୟ ଦିବସ, ସ୍ଥାୟୀ ଚାକିରି ପରିବର୍ତ୍ତେ ଠିକା ଶ୍ରମିକ ନିଯୁକ୍ତି, ଅବାଧ ଛଟେଇ, ଶ୍ରମିକମାନଙ୍କୁ କ୍ରୀତଦାସରେ ପରିଣତ




କରିବାକୁ ମୋଦୀ ସରକାର ୪୪ଟି ଶ୍ରମ ଆଇନ ଲୋପ କରି ୪ଟି ଶ୍ରମକୋଡ ଆଣିଛନ୍ତି ବୋଲି ଶ୍ରମିକ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି । ମୋଦୀ ସରକାରଙ୍କର ମୁଖ୍ୟ କାମ କେମିତି ରାଷ୍ଟ୍ରାୟତ୍ତ କଳ କାରଖାନା, ଦେଶର ଅମୂଲ୍ୟ ସମ୍ପଦ ତାଙ୍କର ମିତ୍ର ଆଦାନୀ, ଅମ୍ବାନୀଙ୍କ ହାତକୁ ଯିବ ଓ ପୁଞ୍ଜିପତିମାନେ ଅଧିକରୁ ଅଧିକ ମୁନାଫା କମାଇବେ ବୋଲି ଶ୍ରମିକ ସଙ୍ଗଠନ ସୂଚନା ଦେଇଛନ୍ତି । କେନ୍ଦ୍ର ସରକାରଙ୍କର ଏହି ଜନବିରୋଧ ଓ ଦେଶ ବିରୋଧୀ ନୀତି ବିରୋଧରେ ଦେଶର ସଚେତନ ଶ୍ରମିକଶ୍ରେଣୀ, କୃଷକ, ଛାତ୍ର, ଯୁବକ, ବୁଦ୍ଧିଜୀବି, ଗଣତନ୍ତ୍ର ପ୍ରେମୀ ଜନଗଣ ଆଜି ମୁଖର ହେଉଛନ୍ତି । କର୍ପୋରେଟଙ୍କ ମୁନାଫା ନୁହେଁ, ଦେଶର ସାଧାରଣ ନାଗରିକଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରିବାକୁ ହେବ । ଶ୍ରମ କୋଡ ବାତିଲ, ଶ୍ରମିକ ଛଟେଇ ବନ୍ଦ, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ରୋକିବା, ନିଯୁକ୍ତିର ସୁଯୋଗ, ରାଷ୍ଟ୍ରାୟତ୍ତ ସମ୍ପଦର ସୁରକ୍ଷା, ସ୍କିମ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ଓ ସାମାଜିକ ସୁରକ୍ଷା, ଚାଷୀ ଫସଲର ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ଆଦି ୧୭ଦଫା ଦାବିରେ ଶ୍ରମିକ ସଙ୍ଗଠନମାନେ ଧର୍ମଘଟ କରିବେ ବୋଲି ସୂଚନା ଦିଆଯାଇଛି । ଏହି ଧର୍ମଘଟରେ କର୍ମଚାରୀ, କୃଷକ ସଂଗଠନମାନେ ଯୋଗଦେବା ସହ ୯ ଜୁଲାଇ ଧର୍ମଘଟ ଓ ହରତାଳକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସିଆଇଟିୟୁ କେନ୍ଦ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ ଓ ରାଜକିଶୋର ପ୍ରଧାନ, ଆଇଏନଟିୟୁସିର ନିହାର ଦାସ, ଏଚ୍‌ଏମ୍‌ଏସର ଶଶଧର ନାୟକ ଓ ପ୍ରମୋଦ ଦାସ, ଏଆଇସିସିଟିୟୁର ଏନ୍ କେ ମହାନ୍ତି, ଏଆଇଟିୟୁସିର ସଦାନନ୍ଦ ସାହୁ, ଏଆଇୟୁଟିୟୁସି ଅଜିତ୍ ନାୟକ ଓ ବିଷ୍ଣୁ ପଣ୍ଡାଙ୍କ ସମେତ ପ୍ରଭାତ ପଣ୍ଡା, ଶ୍ରୀମନ୍ତ ବେହେରା, ରାଜା ମୁନ୍ନା ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଓଝୁଲା ଗାଁ'ରେ ବିଜୁଳି ଓ ପାଣି ପାଇଁ ସଂଘର୍ଷ,ଅପହଞ୍ଚ ସରକାରୀ ଯୋଜନା

ରାୟଗଡା,୫ ।୭ (ନିପ୍ର): ରାୟଗଡା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଆଜି ଯାଏଁ ବିଦ୍ୟୁତ, ପାନୀୟ ଜଳ , ସ୍ୱାସ୍ଥ୍ୟ , ଶିକ୍ଷା ଭଳି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି । ଜିଲ୍ଲାରେ ଆଜି ମଧ ଏହି ଭଳି ଅବହେଳିତ ଅବସ୍ଥାରେ ଏପରି ଅନେକ ଗାଁ ରହିଯାଇଛି । ଏପରି ଦୁର୍ଗମ ଅଞ୍ଚଳରେ ଲୋକମାନେ ବିଭିନ୍ନ କୁପ୍ରଥା ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଥାନ୍ତି । ସେହିଭଳି ଏକ ଗାଁ ହେଉଛି ରାୟଗଡା ବ୍ଲକ କୁଟୁଲି ପଞ୍ଚାୟତର ଦେଓଝୁଲା ଗାଁ । ସେହି ଗାଁକୁ ରାସ୍ତା ଖଣ୍ଡିଏ ନଥିବା ବେଳେ ଯଦି କୌଣସି ଲୋକ ରୋଗରେ ପୀଡିତ ହୁଅନ୍ତି ତା ହେଲେ ସେମାନେ ଚିକିତ୍ସା ପାଇଁ କୌଣସି ଡାକ୍ତରଖାନାକୁ ଯାଇ ନଥାନ୍ତି ବରଂ ଗାଁ'ରେ ଥିବା ବେଜୁଣି ମା ଗେନ ମିଣିଆକାକୁ କହି ପୂଜାର୍ଚ୍ଚନା କରି ରୋଗ ଠିକ ହୋଇଯିବ ବୋଲି ବିଶ୍ୱାସ ରଖିଛନ୍ତି । ଗାଁରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବା ବେଳେ ଅନ୍ଧାର ଭିତରେ ନିଜର ଜୀବନ କାଟୁଛନ୍ତି । ଏହି ପେରିପ୍ରେକ୍ଷୀରେ କାହାକୁ କିଛି ଜ୍ୱର ବେମାର ହେଲେ ବେଜୁଣି ମାଇ ଗେନ ମିଣିଆକାକୁ କହନ୍ତି । ସେ ପୂଜାର୍ଚନା କାଲେ ରୋଗ ଠିକ ହୋଇଯାଏ ବୋଲି ଗ୍ରାମବାସୀ ବିଶ୍ୱାସ ରଖିଛନ୍ତ । ଆଖପାଖ ଅଞ୍ଚଳର ବହୁ ଲୋକ ଗେନକୁ କହି ବିଭିନ୍ନ ରୋଗ ପାଇଁ ପୂଜାର୍ଚ୍ଚନା କରୁଥିବା ଜଣାପଡିଛି । ସରକାରୀ ସୁବିଧାଠାରୁ ବହୁ ଦୁରରେ ଏହି ଗାଁର ଗ୍ରାମବାସୀ , ଗାଁରେ ବିଦ୍ୟାଳୟଟିଏ ରହିଛି ଯାହାକି ବର୍ଷର ଅର୍ଦ୍ଧାଧିକ ସମୟ ତାଲା ଝୁଲୁଥିବା ଗ୍ରାମବାସୀ କହିଛନ୍ତି । ଏଭଳି ପରିସ୍ଥିତିରେ ସେମାନେ ବାଧ ହୋଇ ଏଭଳି ଅନ୍ଧବିଶ୍ୱାସକୁ ଆପଣାଇଛନ୍ତି ଗ୍ରାମବାସୀ । ଏହି ଗାଁରେ ସରକାରୀ ଅଧିକାରୀମାନେ ଆଜି ପର୍ଯ୍ୟନ୍ତ ପାଦ ଦେଇନଥିବା କହିଲେ ଭୁଲ ହେବ ନାହିଁ । ଏ ନେଇ ଉକ୍ତ ଗାଁ'ର ଜଣେ ଯୁବକ ସାଧୁ ମିଣିଆକା କହିଛନ୍ତି ଯେ ଗାଁ କୁ ରାସ୍ତା ନଥିବା ଫଳରେ କୌଣସି ରୋଗୀକୁ ଚିକିତ୍ସା ପାଇଁ ୧୫ କିମି ବୋହିକି ନେବାକୁ ପଡିଥାଏ ।ତେଣୁ ସେମାନେ ବେଜୁଣିର ଝଡା ଫୁଙ୍କା ଚିକିତ୍ସାକୁ ଆପଣେଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଯଦି ଗାଁ'ରେ ହାତପାଆନ୍ତାରେ ଚିକିତ୍ସା ସୁବିଧା ମିଳିଥାନ୍ତା ତାହେଲେ ଏଭଳି ଅନ୍ଧବିଶ୍ୱାସକୁ ଦୂର କରାଯାଇ ପାରିଥାନ୍ତା ବୋଲି କୁହାଯାଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦେଓଝୁଲା ଗ୍ରାମବାସୀ ଦାବି କରୁଛନ୍ତି ।

# ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର,୫ ।୭ (ନି.ପ୍ର.) : ଚୌଦ୍ୱାର ଗାନ୍ଧିଛକ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଶ୍ରୀଜଗନ୍ନାଥ କଥାମୃତ ସମ୍ପର୍କିତ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବେଶ ଧାରଣ କରି ଜଗନ୍ନାଥଙ୍କ କଥାମୃତ ଗାନ କରିବା ସହ ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା । ଏହାସହ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପରେ ବିସ୍ତୃତ ଆଲୋଚନା କରାଯାଇଥିବା ବେଳେ ରଥଯାତ୍ରାର ମାହାତ୍ମ୍ୟ, ପରମ୍ପରା ଓ ଐତିହ୍ୟ ବିଷୟରେ ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ସହିତ ସ୍କୁଲର କୋର୍ଡ଼ିନେଟର ଅପରାଜିତା ମହାପାତ୍ର, ଆଡମିନିଷ୍ଟ୍ରେଟର ଦିଗ୍‌ବିଜୟ ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ବିଧାୟିକାଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

କୃଷ୍ଣପ୍ରସାଦ,୫ ।୭ (ନିପ୍ର); ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର କୃଷ୍ଣପ୍ରସାଦ ବ୍ଲକର ମାଲୁଦ ଠାରେ ସ୍ଥାପିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଆଦର୍ଶ ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଦାନ ଶୈଳୀ ସମ୍ପର୍କରେ ବିଧାୟିକା ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟବ୍ରତ ନାୟକଙ୍କ ଠାରୁ ପଚାରି ବୁଝିଥିଲେ । ଗୁଣାତ୍ମକ ଶିକ୍ଷା ଦାନ ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଥିବା ଜଣାପଡିଛି । ବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ରହିବା ନିମନ୍ତେ ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ, ସାଇକେଲ ଷ୍ଟାଣ୍ଡ, ମଧ୍ୟାହ୍ନ ଭୋଜନ ହଲ, ବିଦ୍ୟାଳୟ କ୍ରୀଡାଙ୍ଗନ ଭିତ୍ତିଭୂମିର ବିକାଶ ସହ ପିଲାମାନଙ୍କ ସୁବିଧା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ



ସେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ । ସେହିପରି ପିଲାମାନଙ୍କ ଗହଣରେ ବିଧାୟିକା କିଛି ସମୟ କାଟିବା ଅବସରରେ ଭଲ ପାଠ ପଢି ସମାଜରେ ଜଣେ ଜଣେ ସୁନାଗରିକ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ବିଧାୟିକା ଗୁରୁତ୍ୱାରୋପ କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡିଛି । ଏହି ଗସ୍ତ ସମୟରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ,କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଯୁବନେତା ପ୍ରଦୀପ କୁମାର ଜେନା, କେଦାରନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷା ପାଣି ଘର ଭାଙ୍ଗିଲା

ଦେବଗଡ,୫ ।୭ (ନିପ୍ର); ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦରମହକୁମା ରେ ଲଗାଣ ବର୍ଷା ଯୋଗୁଁ ଅଜିତ ବେହେରା ପିତା-ଦୁଆରି ବେହେରାଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି । ଆଠ ପରିବାର ସଦସ୍ୟ ବର୍ଷା ପାଣି ରେ ଭିଜୁଛନ୍ତି । ଭାତ ହାଣ୍ଡି ବାହାରେ ପଡିଛି ।

ତୁରନ୍ତ ତହସିଲଦାର ପଲିଥିନ୍ ସହ ଖାଦ୍ୟ ସାମଗ୍ରୀ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି । ବିଡିଓ ଅଜିତ ବେହେରାର ଦୁଃଖ ବୁଝିଲେ ସବୁ ସବୁର ସମାଧାନ ହୋଇଯିବ । ଦେଖାଯାଉ ପ୍ରଶାସନ କିପରି ଧରଣର ସାହାଯ୍ୟ କରୁଛି । ଆଠ ଜଣ ସଦସ୍ୟ ବର୍ଷା ପାଣିରେ ଭିଜିବା ଏହି ପ୍ରତିନିଧି ସ୍ୱଚକ୍ଷୁରେ ଦେଖି ମର୍ମାହତ ।

# ଘୋଘର ଧାମ ମେଳା ପାଇଁ ପ୍ରସ୍ତୁତି

ରାଜଗାଙ୍ଗପୁର,୫ ।୭ (ନିପ୍ର): କମିଟିର ଟିର ଟ୍ରଷ୍ଟି ସଦସ୍ୟ ହରିକିଶନ ଅଗ୍ରୱାଲ, ପରିଚାଳନା ସଦସ୍ୟ ଜିତୁ ଦାସ, ବ୍ରିଜ ମୋହନ ଅଗ୍ରୱାଲ, ସନ୍ଦିପ ଅଗ୍ରୱାଲ, ଅଭିମନ୍ୟୁ ସାହୁ, ବଜରଙ୍ଗ ଦଳର ମୁଖ୍ୟ ସନ୍ଦିପ ଦାସ, ନବଯୁବକ ସଂଘର ଧୀରଜ ମିତଲ, ସାଇ ସେବା ସମିତିର ଅଶୋକ ଦାସ, ଥାନାକାରୀ ମନୋରଞ୍ଜନ ପ୍ରଧାନ, ଅତିରିକ୍ତ ଥାନାକାରୀ ବିଜୟ ଦାସ, ରାଜଗାଙ୍ଗପୁର ଉପନଗରପାଳ ଇରଫାନ, ବିଭିନ୍ନ ବିଭାଗର ଅଧିକାରୀ ଅଗ୍ନିସମ ବିଭାଗ, ସ୍ୱାସ୍ଥ୍ୟ, ରାଜସ୍ୱ, ଜଳସେଚନ ବିଭାଗ ଉପସ୍ଥିତ ରହି ଆଲୋଚନା କରିଥିଲେ । ମହମ୍ମଦ ସଦସ୍ୟ ଯଥା: ପ୍ରସିଦ୍ଧ ରାଜଗାଙ୍ଗପୁରର ଶୈବପୀଠ ଘୋଘର ଧାମରେ ଶ୍ରାବଣ ମାସ ଆରମ୍ଭ ହେବା ମାତ୍ରେ ହଜାରହଜାର ସଂଖ୍ୟାରେ ଭକ୍ତ ରାଜ୍ୟ ତଥା ବାହାରୁ ଜଳାଭିଷେକ ପାଇଁ ଆସିଥାନ୍ତି । ଏଠାରେ ମେଳା ମଧ ଅନୁଷ୍ଠିତ ହୋଇଥାଏ । ଏହି ଜନସମାଗମକୁ ସୁଚାରୁ ରୂପେ ନିୟନ୍ତ୍ରଣ କରିବା ସହ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଗୁରୁବାର ଘୋଘର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

# ମଙ୍ଗୁଳି ଛକର ସମସ୍ୟା ବୁଝିଲେ ପଞ୍ଚାୟତିରାଜ ମନ୍ତ୍ରୀ

## ଖୁବ୍ ଶୀଘ୍ର ଯାତ୍ରୀ ବିଶ୍ରାମାଗାର, ପାନୀୟଜଳ ଓ ପାର୍କ ହେବା ନେଇ ଦେଲେ ପ୍ରତିଶ୍ରୁତି

ଟାଙ୍ଗୀ-ଚୌଦ୍ୱାର,୫ ।୭ (ନି.ପ୍ର.) : ରାଜ୍ୟର ପ୍ରମୁଖ ସଂଯୋଗସ୍ଥଳ ମଙ୍ଗୁଳି ଛକରେ ବହୁଦିନ ଧରି ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ହୋଇଆସୁଥିବା ବେଳେ ରାଜ୍ୟର ପଂଚାୟତିରାଜ ଓ ଜଳସମ୍ପଦ ବିଭାଗର ମନ୍ତ୍ରୀ ରବିନାରାୟଣ ନାୟକ ମଙ୍ଗୁଳି ଛକକୁ ଗ୍ରସ୍ତ କରିଥିଲେ । ହରିଅନ୍ତା ପଂଚାୟତର ବିଜେପି ସଂଗଠକ ଅମୂଲ୍ୟ ରାଉତରାୟଙ୍କ ନିମନ୍ତ୍ରଣକ୍ରମେ ଆଜି ମନ୍ତ୍ରୀ ଶ୍ରୀ ନାୟକ ଯାତ୍ରୀମାନେ ଦିନରାତି ମଙ୍ଗୁଳି ଛକ ଉପରେ ନିର୍ଭର କରୁଥିବା ବେଳେ ମୁଖ୍ୟତଃ ପଶ୍ଚିମ ଓ ଉତ୍ତର ଓଡ଼ିଶାକୁ ବହୁ ଯାତ୍ରୀ ଏହି ଛକରୁ ଯାଇଥାନ୍ତି । ଛକର ଦୂରାବସ୍ଥା ଦେଖି ଏଠାରେ ଏକ ଯାତ୍ରୀ ବିଶ୍ରାମାଗାର, ପାନୀୟ ଜଳ ବ୍ୟବସ୍ଥା ଓ ଏକ ସୁନ୍ଦର ପାର୍କ ନିର୍ମାଣ କରିବା ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ କଥା ହୋଇ ଯଥାଶୀଘ୍ର ଏହି ପ୍ରକଳ୍ପ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଛକରେ ଥିବା ମୁଖ୍ୟ ସମସ୍ୟା ଫୁଟ୍ ଓଭରବ୍ରିଜ୍ ନିର୍ମାଣଧୀନ ହୋଇସାରି ଏବେ ଅନ୍ତିମ ପର୍ଯ୍ୟାୟରେ ପହଂଚିଛି । ଖୁବ୍ ଶୀଘ୍ର ଏହା ଜନସାଧାରଣଙ୍କ କାର୍ଯ୍ୟରେ ଲାଗିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରବୋଧ କୁମାର ରାଉତରାୟ, ଗୌରାଙ୍ଗ ଚରଣ ରାଉତରାୟ, ତାପସ ରାଉତରାୟ, ସୁବ୍ରତ ରାଉତରାୟ, ଦେବାଶିଷ ପଣ୍ଡା, ଅମରେନ୍ଦ୍ର ରାଉତରାୟ, ପ୍ରଦୀପ ରାଉତରାୟ,



ସୌରଭ ରାଉତରାୟ, ଅଶ୍ୱିନୀ ଜେନା, ଭାସ୍କର ରାଉତରାୟ, ଦେବାଶିଷ ସ୍ୱାଇଁ, ଅକ୍ଷୟ ଜେନା, ତ୍ରିଲୋଚନ ଖୁଣ୍ଟିଆ, ଡଲୁ କୁମାର, ବାପୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଔପନିବେଶୀୟ ଶିକ୍ଷା ଢାଞ୍ଚାରେ ପରିବର୍ତ୍ତନ ଆଣିବ ଜାତୀୟ ଶିକ୍ଷାନୀତି: ଉଚ୍ଚଶିକ୍ଷା ମନ୍ତ୍ରୀ


ରାୟଗଡ଼ା,୫ ।୭ (ନିପ୍ର); ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା , ଖେଳ ଓ ଯୁବସେବା , ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରି , ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ୍ କୁମାର, ମହାବିଦ୍ୟାଳୟ ପରିଚାଳନା କମିଟି ସଭପତି ତଥା ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଯୋଗଦେବା ବେଳେ ଅଧକ୍ଷା ଡ଼. ସରସ୍ୱତୀ ରାୟ ସଭାପତିତ୍ୱ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟରେ ନବ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ମିଶ୍ରିତ ଛାତ୍ରାବାସର ଉଚ୍ଚଶିକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିବା ସହ ମହାବିଦ୍ୟାଳୟ ପରିସର ମଧ୍ୟରେ ମା' ନା ରେ ଗଛଟିଏ ୨.୦ ଅଭିଯାନରେ ବୃକ୍ଷ ରୋପଣ କରିଥିଲେ । ମନ୍ତ୍ରୀ ସୁରଜ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପରିଦର୍ଶନ କରିଥିଲେ । ୫୯ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କର କିଛି ପ୍ରଶ୍ନର ଉତ୍ତର ମଧ ରଖିଥିଲେ ।ମନ୍ତ୍ରୀ ସଭାରେ ତାଙ୍କର ଉଦ୍‌ବୋଧନରେ ଉପନିବେଶବାଦ ଶିକ୍ଷା ବ୍ୟବସ୍ଥାରେ ନୂଆ ଶିକ୍ଷାନୀତି ୨୦୨୦ ପରିବର୍ତ୍ତନ ଆଣିବ ବୋଲି କହିଥିଲେ । ନୂଆ ଶିକ୍ଷାନୀତି ଫଳରେ



ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ହୋଇ ପାରିବ ବୋଲି ମନ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀମାନେ ଚାକିରି କରିବା ମାନସିକତାକୁ ପରିବର୍ତ୍ତନ କରି ଚାକିରି ଦେବା ମାନସିକତା ଆଣିଲେ ରାଜ୍ୟ ତଥା ଦେଶ ବିକଶିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଅଧ୍ୟକ୍ଷା ଡ଼. ରାୟ ମହାବିଦ୍ୟାଳୟର ଗୌରବମୟ ଯାତ୍ରାକୁ ଉପସ୍ଥାପନା କରିବା ସହ ଆଗାମୀ ଦିନରେ ମହାବିଦ୍ୟାଳୟ ଉନ୍ନତିର ଶିଖରରେ ପହଞ୍ଚିବ ବୋଲି ଆଶାବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ନିଜ ନିଜ ବ୍ୟକ୍ତବ୍ୟ ରେ ଛାତ୍ରଛାତ୍ରୀମାନେ ଜୀବନରେ ସଫଳ ପ୍ରାପ୍ତି ନିମନ୍ତେ ଦିଗ୍ ଦର୍ଶନ କରିଥିଲେ । ଏହି ଅବସରରେ ସ୍ନାତକ ଓ ସ୍ନାତକୋତ୍ତରରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ପୁରସ୍କୃତ କରିଥିଲେ । ଶେଷରେ ପରିଚାଳନା କମିଟି ସଭାପତି ତଥା ଉପ ଜିଲ୍ଲାପାଳ ଶ୍ରୀ କହଁର ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗ ମୁଖ୍ୟ ଲିଫ୍ଟନାଣ୍ଟ ଉଦୟ ନାଏକ ପରିଚାଳନା କରିଥିଲେ । ଅଧ୍ୟାପକ ପି. ଅରୁଣ କୁମାର, ଟି. ଜ୍ୟୋତି, ସୁବ୍ରତ ପ୍ରଧାନ, ଉବେଶ ମହାନ୍ତି, ଅଜୟ ରଉତ , ଚିକେଶ୍ୱର ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଆର୍ଜେଣ୍ଟିନାରେ ମୋଦିଙ୍କୁ ଭବ୍ୟ ସ୍ୱାଗତ

## ୫୭ ବର୍ଷରେ ପ୍ରଥମ ଦ୍ୱିପାକ୍ଷିକ ଯାତ୍ରା

ନୂଆଦିଲ୍ଲୀ,୫।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ତାଙ୍କର ପାଞ୍ଚଟି ରାଷ୍ଟ୍ର ଗସ୍ତରେ ଅଛନ୍ତି। ଏହି କ୍ରମରେ ସେ ଆଜି ଆର୍ଜେଣ୍ଟିନାରେ ପହଞ୍ଚିଛନ୍ତି। ଏହି ଗସ୍ତ ଅନେକ ଦୃଷ୍ଟିରୁ ଐତିହାସିକ। କାରଣ ଗତ ୫୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଆର୍ଜେଣ୍ଟିନାକୁ ଦ୍ୱିପାକ୍ଷିକ ଗସ୍ତରେ ଯାଇଛନ୍ତି। ନରେନ୍ଦ୍ର ମୋଦି ପୂର୍ବରୁ ୨୦୧୮ରେ ଜି୨୦ ଶିଖର ସମ୍ମିଳନୀ ପାଇଁ ଆର୍ଜେଣ୍ଟିନା ଗସ୍ତ କରିଥିଲେ, କିନ୍ତୁ ସେତେବେଳେ ସେ ଏକ ବହୁପାକ୍ଷିକ ସମ୍ମିଳନୀର ଅଂଶ ଥିଲେ। ଏଥର ଏହି ଗସ୍ତ ସମ୍ପୂର୍ଣ୍ଣ ଭାବରେ ଦ୍ୱିପାକ୍ଷିକ ସହଯୋଗକୁ ବିସ୍ତାର କରିବା ପାଇଁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ ଏଜେଜା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଏକ ଆନୁଷ୍ଠାନିକ ଗାର୍ଡ ଅଫ ଅନର ଦିଆଯାଇଥିଲା। ତେବେ ଏହା କୌଣସି ପ୍ରଧାନମନ୍ତ୍ରୀଙ୍କ ୫୭ ବର୍ଷରେ ଆର୍ଜେଣ୍ଟିନାର ପ୍ରଥମ ଦ୍ୱିପାକ୍ଷିକଗସ୍ତ,ଯାହାକୁ ଦୁଇ ଦେଶ ସମ୍ବନ୍ଧରେ ଏକ ନୁତନ ଯୁଗର ଆରମ୍ଭ ବୋଲି ବିବେଚନା କରାଯାଉଛି ।ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ସୁଚନା ଦେଇ ଲେଖିଛନ୍ତି ଯେ ଆର୍ଜେଣ୍ଟିନା ସହିତ ସମ୍ବନ୍ଧକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ବ୍ୟୁନସ ଆୟର୍ସରେ ପହଁଞ୍ଚିଛି। ରାଷ୍ଟ୍ରପତି ଜେବିୟର ମିଲେଇଙ୍କୁ ଭେଟିବା ଏବଂ ବିସ୍ତୃତ ଆଲୋଚନା କରିବାକୁ ଅପେକ୍ଷା କରୁଛି। ସାଂସ୍କୃତିକ ସମ୍ପର୍କରେ ଦୁରତା କେବେବି ପ୍ରତିବନ୍ଧକ ନୁହେଁ। ବିମାନବନ୍ଦରରେ ତାଙ୍କୁ ଏକ ଆନୁଷ୍ଠାନିକ ସ୍ୱାଗତ କରାଯାଇଥିଲା। ହୋଟେଲରେ ପହଁଞ୍ଚିବା ପରେ ଆର୍ଜେଣ୍ଟିନାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଜୋରଦାର ସ୍ୱାଗତ କରାଯାଇଥିଲା ।ଏହା ଉପରେ ସେ କହିଥିଲେ ହଜାର କିଲୋମିଟର ଦୁର ,ଏହି ଭାରତୀୟ ସମ୍ପ୍ରଦାୟଙ୍କ ମାଧ୍ୟମରେ ଭାରତର ଆତ୍ମାକୁ ଅନୁଭବ କରିବା ଅତ୍ୟନ୍ତ ଭାବପ୍ରବଣ ଅନୁଭୁତି ।



## ଆମେରିକାରେ ବନ୍ୟାର ତାଣ୍ଡବ: ୨୪ମୃତ

ୱାସିଂଟନଡିସି,(ନିପ୍ର): ଆମେରିକାରେ ବନ୍ୟାର ତାଣ୍ଡବ। ପାଣିର ପ୍ରଳୟ ପାଇଁ ଆମେରିକାରେ ହାହାକାର। ନିଜକୁ ବିଶ୍ୱର ଧନୀ ରାଷ୍ଟ୍ର ବୋଲି କହୁଥିବା ଆମେରିକା ବି ଆଜି ପ୍ରକୃତିର ପ୍ରକୋପ ଆଗରେ ଅସହାୟ । ଭୀଷଣ ବନ୍ୟାରେ ଏଯାଏଁ ୨୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକଙ୍କ ପତ୍ତା ମିଳୁନି । ଏହାସହ ଲୋକ ବାସହୀନ ହୋଇପଡ଼ିଛନ୍ତି। ଆମେରିକାର ୨ ରାଜ୍ୟ ଟେକ୍ସାସ୍ ଓ କେର୍ବିଲର ଅନେକ ଅଞ୍ଚଳ ବନ୍ୟା ପାଣିରେ ବୁଡ଼ିଛି । ମାସକର ବର୍ଷା କିଛି ମାତ୍ର ଘଣ୍ଟାରେ ହୋଇଛି । ଫଳରେ ଏଠାରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଗ୍ୱାଡାଲୁପ୍ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ମାତ୍ର ୯୦ ମିନିଟରେ ଏହି ନଦୀର ଜଳ ୨୦- ଫୁଟ ଯାଏଁ ବୃଦ୍ଧି ହୋଇଗଲା । ଏଯାଏଁ ମିଳିଥିବା ସୂଚନା ଅନୁସାରେ, ବନ୍ୟାରେ ପାଖାପାଖି ୨୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଅନେକ ଲୋକଙ୍କ ଘର ପାଣିରେ ବୁଡ଼ିଯିବାରୁ ଲୋକେ ଘର ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି ।

## ଅମରନାଥ ଯାତ୍ରା ସମୟରେ ଦୁର୍ଘଟଣା, ୩୬ ଯାତ୍ରୀ ଆହତ

ନୂଆଦିଲ୍ଲୀ,୫।୭: ରାମବନର ଚନ୍ଦରକୋଟ ଲାଙ୍ଗରରେ ଅମରନାଥ ଯାତ୍ରାର ପହଲଗାମ କାଫଲାର ଶେଷ ଗାଡ଼ି ନିୟନ୍ତ୍ରଣ ହରାଇ ଫସି ରହିଥିବା ଗାଡ଼ି ସହିତ ଧକ୍କା ହୋଇଛି, ଯାହା ଫଳରେ ୪ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି ଏବଂ ୩୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ରାମବନରେ ଭର୍ତ୍ତି କରାଯାଇଛି। ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଯାତ୍ରା ଜାରି ରଖିବା ପାଇଁ ଅନ୍ୟ ଗାଡ଼ିରେ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।ଦୁର୍ଘଟଣା ପରେ, ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ଏଲଜି ମନୋଜ ସିହ୍ନା ଅମରନାଥ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଗାଡ଼ି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ସମସ୍ତ ପ୍ରମୁଖ ସ୍ଥାନରେ ସୁରକ୍ଷା ଯାଞ୍ଚ ଏବଂ ଯାତ୍ରା ମାର୍ଗରେ ଖାଦ୍ୟ ଏବଂ ଔଷଧର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଜାପୁରରେ ଏନକାଉଣ୍ଟର: ଜଣେ ନକ୍ସଲ ନିହତ

ବିଜାପୁର,୫।୭: ଛତିଶଗଡ଼ ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ଏକ ଏନକାଉଣ୍ଟରରେ ସୁରକ୍ଷା ବାହିନୀ ଜଣେ ନକ୍ସଲଙ୍କୁ ହତ୍ୟା କରିଛନ୍ତି। ତା'ଠାରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ସେହି ସମୟରେ, ଅନେକ ନକ୍ସଲ ନିହତ ଏବଂ ଆହତ ହୋଇଥିବାର ସମ୍ଭାବନା ରହିଛି। ଅଞ୍ଚଳରେ ନକ୍ସଲଙ୍କ ଏକ ବଡ଼ କ୍ୟାଡରର ଉପସ୍ଥିତି ବିଷୟରେ ମିଳିଥିବା ସୂଚନା ଆଧାରରେ, ସୁରକ୍ଷା ବାହିନୀର ଏକ ମିଳିତ ଦଳ ଦ୍ୱାରା ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ଅପରେସନ ସମୟରେ, ଶୁକ୍ରବାର ଠାରୁ ସୁରକ୍ଷା ବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ମଝିରେ ମଝିରେ ଗୁଳି ବିନିମୟ ଜାରି ରହିଛି। ସୁରକ୍ଷା ବାହିନୀର ସମଗ୍ର ଦଳ ସାରା ରାତି ଜାତୀୟ ଉଦ୍ୟାନ ଅଞ୍ଚଳରେ ନକ୍ସଲମାନଙ୍କୁ ଘେରି ରହିଥିଲେ। ଶନିବାର ସକାଳୁ ସୁରକ୍ଷା ବାହିନୀ ଦ୍ୱାରା କରାଯାଇଥିବା ସର୍ଚ୍ଚ ଅପରେସନରେ, ଏନକାଉଂଟର ସ୍ଥଳରୁ ଅସ୍ତ୍ରଶସ୍ତ୍ର ସହିତ ଜଣେ ନକ୍ସଲଙ୍କ ମୃତଦେହ ଜବତ କରାଯାଇଛି।

## ହିମାଚଳରେ ମୌସୁମୀର ତାଣ୍ଡବ ୧୫ ଦିନରେ ୭୨ ଜଣଙ୍କର ମୃତ୍ୟୁ

ଶିମଲା,,୫।୭: ମୌସୁମୀ ଋତୁ ୨୦୨୫ ପୁଣି ଥରେ ହିମାଚଳ ପ୍ରଦେଶରେ ତାଣ୍ଡବ ରଚିଛି । ଜୁନ୍ ୨୦ରୁ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ମାତ୍ର ୧୫ ଦିନରେ ୭୨ ଜଣ ପ୍ରାଣ ହରାଇଛନ୍ତି, ୧୧୩ ଜଣ ଆହତ ହୋଇଛନ୍ତି ଏବଂ ଗତ କିଛି ଦିନ ଧରି ୩୭ ଜଣ ନିଖୋଜ ଅଛନ୍ତି। ଏହି ସମୟ ମଧ୍ୟରେ ବର୍ଷା, ଭୂସ୍ଖଳନ, ବାଦଲଫାଟିବା, ହଠାତ୍ ବନ୍ୟା, ସଡ଼କ ଦୁର୍ଘଟଣା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟକୁ ଥରାଇ ଦେଇଛି। ଶନିବାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟରେ ୫୪୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତି ଏବଂ ଧନଜୀବନ ନଷ୍ଟ ହୋଇଛି। ଏହି ମୌସୁମୀ ସମୟରେ ସର୍ବାଧିକ ଧ୍ୱଂସ ମଣ୍ଡି ଜିଲ୍ଲାରେ ଘଟିଛି। କେବଳ ମଣ୍ଡିରେ ୨୦ ଜଣଙ୍କର ମୃତ୍ୟୁ ହୋଇଛି, ଯାହା ମଧ୍ୟରୁ ୧୪ ଜଣଙ୍କର ମୃତ୍ୟୁ ବାଦଲଫାଟିବା ଯୋଗୁଁ ହୋଇଛି। ଅନ୍ୟପକ୍ଷରେ କାଙ୍ଗଡ଼ାରେ, ମୋଟ୍ ୧୩ ଜଣଙ୍କର ମୃତ୍ୟୁ ହୋଇଛି, ଯାହା ମଧ୍ୟରୁ ୭ ଜଣଙ୍କର ମୃତ୍ୟୁ ଭୂସ୍ଖଳନ ଯୋଗୁଁ ଏବଂ ୨ ଜଣଙ୍କର ମୃତ୍ୟୁ ବାଦଲଫାଟିବା ଯୋଗୁଁ ହୋଇଛି ।ଅନ୍ୟପକ୍ଷେ ପାଣିପାଗ ବିଜ୍ଞାନ କେନ୍ଦ୍ର ଶିମଳା ଆଗାମୀ ଦିନରେ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରିଛି। ଛଅ ଜୁଲାଇରେ କାଙ୍ଗଡା,ମଣ୍ଡି ଏବଂ ସିରମୌର ଜିଲ୍ଲାରେ ଅତି ପ୍ରବଳ ବର୍ଷାର ରେଡ ଆର୍ଲଟ ଘୋଷଣା କରାଯାଇଛି ।ଏହା ବ୍ୟତୀତ ମଣ୍ଡି,କାଙ୍ଗଡା,ଚମ୍ବା ଏବଂ ସିରମୌର ଜିଲ୍ଲାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଆଶଙ୍କା ରହିଛି।

## ତ୍ରିନିଦାଦ - ଟୋବାଗୋ ସଂସଦ: ମିଳିତ ଅଧିବେଶନକୁ ସମ୍ବୋଧିତ କଲେ ମୋଦି

ନୂଆଦିଲ୍ଲୀ,୫।୭: ସିନେଟ ପ୍ରେସିଡେଣ୍ଟ ମହାମହିମ ୱାଡେ ମାର୍କ ଏବଂ ଗୃହର ବାଚସ୍ପତି ମହାମହିମ ଜଗଦେଓ ସିଂହଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତ୍ରିନିଦାଦ ଓ ଟୋବାଗୋ (ଟି ଆଣ୍ଡ ଟି) ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ତ୍ରିନିଦାଦ ଓ ଟୋବାଗୋର ସଂସଦକୁ ସମ୍ବୋଧିତ କରିବାରେ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ଏହି ଅବସର ଭାରତ-ତ୍ରିନିଦାଦ ଓ ଟୋବାଗୋ ଦ୍ୱିପାକ୍ଷିକ ସମ୍ପର୍କର ମାଇଲଖୁଣ୍ଟ ହୋଇ ରହିବ । ମାନନୀୟ ସଦନକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ପକ୍ଷରୁ ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ସଦିଚ୍ଛା ଜଣାଇଥିଲେ । ତାଙ୍କୁ ସର୍ବୋଚ୍ଚ ଜାତୀୟ ସମ୍ମାନ ପ୍ରଦାନ କରାଯାଇଥିବାରୁ ସେ ତ୍ରିନିଦାଦ ଓ ଟୋବାଗୋର ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଥିଲେ । ଭାରତୀୟ ଗଣତନ୍ତ୍ରର ଜୀବନ୍ତତାକୁ ବର୍ଣ୍ଣନା କରି ସେ ଉଲ୍ଲେଖ କରିଥିଲେ, ଗଣତନ୍ତ୍ରର ସ୍ରଷ୍ଟା ଭାବେ ଭାରତ ଏହି ଅଭ୍ୟାସକୁ ଏହାର ସଂସ୍କୃତି ଓ ଜୀବନର ଅଭିନ୍ନ ଅଂଶରେ ପରିଣତ କରିଛି । ସେ ଉଲ୍ଲେଖ କରିଥିଲେ, ଏହି ପନ୍ଥା ଭାରତୀୟ ବିବିଧତାକୁ ସଫଳ ଓ ସମୃଦ୍ଧ କରିଛି । ଏହା ସମସ୍ତ ଚିନ୍ତାଧାରାର ଅସ୍ତିତ୍ୱ ବଞ୍ଚାଇ ରଖିଛି ଏବଂ ସଂସଦୀୟ ଆଲୋଚନା ଏବଂ ସାର୍ବଜନୀନ ତର୍କକୁ ସମୃଦ୍ଧ କରିଛି ।ତ୍ରିନିଦାଦ ଓ ଟୋବାଗୋକୁ ସଫଳ ଗଣତାନ୍ତ୍ରିକ ଯାତ୍ରା ପାଇଁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ, ତ୍ରିନିଦାଦ ଓ ଟୋବାଗୋର ଜନସାଧାରଣ ସ୍ୱାଧୀନତାର ରାସ୍ତାରେ ଏକଜୁଟ ହୋଇ ଛିଡ଼ା ହୋଇଥିବାରୁ ଭାରତ ନିଜକୁ ସମ୍ମାନିତ ମନେ କରୁଛି । ସେ ଗୁରୁତ୍ୱାରୋପ କରି କହିଥିଲେ, ଦୁଇ ଦେଶ ମଧ୍ୟରେ ଗଭୀର ବନ୍ଧନ ରହିଛି । ଦୁଇ ଗଣତନ୍ତ୍ର ମଧ୍ୟରେ ଥିବା ଘନିଷ୍ଠ ସମ୍ବନ୍ଧକୁ ଉଲ୍ଲେଖ କରି ସେ କହିଥିଲେ, ଏହା ଭାରତ ଦ୍ୱାରା ଉପହାର ଦିଆଯାଇଥିବା ବାଚସ୍ପତିଙ୍କ ଚେୟାରରେ ପ୍ରତିବିମ୍ବିତ ହେଉଛି । ଦ୍ୱିପାକ୍ଷିକ ସଂସଦୀୟ ଆଦାନପ୍ରଦାନକୁ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିଲେ । ଗୃହରେ ମହିଳା ସାଂସଦମାନଙ୍କ ଉଲ୍ଲେଖନୀୟ ଉପସ୍ଥିତିରେ ସନ୍ତୋଷ ପ୍ରକାଶ କରିଥିଲେ । ସଂସଦ ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ପାଇଁ ଭାରତ ନେଇଥିବା ଐତିହାସିକ ପଦକ୍ଷେପ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ । ଭାରତର ତଳସ୍ତରରେ କିପରି ମହିଳା ମାନେ ନେତୃତ୍ୱ ନେଉଛନ୍ତି ତାହା ସେ ବର୍ଣ୍ଣନା କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ଦେଶର ସ୍ୱାୟତ୍ତ ସଂସ୍ଥା ଗୁଡ଼ିକରେ ୧୫ ଲକ୍ଷ ନିର୍ବାଚିତ ମହିଳା କିପରି କ୍ଷମତା ପାଇପାରିଛନ୍ତି ସେ ନେଇ ଗୁରୁତ୍ୱାରୋପ କରିଥିଲେ ।

## କେରଳରେ ବ୍ୟାପୁଛି ନିପାହ ଭାଇରସ, ୩୦୦ରୁ ଅଧିକ ସଂକ୍ରମିତ




ତିରୁଅନନ୍ତପୁରମ ୫।୭: ଦେଶର ଦକ୍ଷିଣ ରାଜ୍ୟ କେରଳରେ ପୁଣି ନିପାହ ଭାଇରସ ସଂକ୍ରମଣ ହେଉଛି। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁସାରେ ୨ ଜଣଙ୍କ ଠାରେ ନିପାହ ଭାଇରସ ସଂକ୍ରମଣର ସମ୍ଭାବିତ ଲକ୍ଷଣ ଦେଖାଯିବା ପରେ ୩ ଜିଲ୍ଲାରେ ଆଲର୍ଟ ଜାରି କରାଯାଇଛି। କେରଳରେ ନିପାହ ଭାଇରସର ୨ଟି ମାମଲା ମିଳିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସେଠାରେ ଜାତୀୟ ସଂଯୁକ୍ତ ପ୍ରକୋପ ପ୍ରତିକ୍ରିୟା ଦଳ( ଏନଜେଓଆରଟି) ମୁତୟନ ନିମନ୍ତେ ବିଚାର କରୁଛି। ଏହି ଦଳ ସାର୍ବଜନିକ ସ୍ୱାସ୍ଥ୍ୟ ଉପାୟଗୁଡିକୁ ଲାଗୁ କରିବାରେ କେରଳ ସରକାରଙ୍କୁ ସହାୟତା କରିବ। ସୂତ୍ର ଅନୁସାରେ ଇଣ୍ଟିଗ୍ରେଟେଡ ଡିଜିଜ ସର୍ଭିଲାନ୍ସ ପ୍ରୋଗ୍ରାମ (ଆଇଡିଏସପି)ର କେନ୍ଦ୍ରୀୟ ନିରୀକ୍ଷଣ ୟୁନିଟି ଏନସିଡିସି ଏବେ ରାଜ୍ୟ ୟୁନିଟ୍ ସହିତ ସମ୍ପର୍କରେ ରହିଛି ଓ ପରିସ୍ଥିତି ଉପରେ ସକ୍ରିୟ ନଜର ରଖିଛି। ଏହା ଛଡା ବିଭିନ୍ନ ନିୟନ୍ତ୍ରଣ ଗିତିବିଦ୍ଧିର ସମନ୍ୱୟ ନିମନ୍ତେ ରାଜ୍ୟ ନିୟନ୍ତ୍ରଣ କକ୍ଷକୁ ସକ୍ରିୟା କରାଯାଇଛି। ଏକ ସୂତ୍ର ଅନୁସାରେ ଚିହ୍ନଟ ହୋଇଥିବା ମାମଲା ମହାମାରୀ ବିଜ୍ଞାନ ଦୃଷ୍ଟିରୁ ଜଣେ ଜଣଙ୍କ ସହିତ ସମ୍ପର୍କିତ ନୁହନ୍ତି। ତେବେ ସେମାନଙ୍କ ଲକ୍ଷଣ ଓ ସାମାଜିକ ସମ୍ପର୍କ ଯାଞ୍ଚ କରାଯାଉଛି। ଏଥିରେ ଏ ପର୍ଯ୍ୟନ୍ତ ୩ ଜିଲ୍ଲା ପଲ୍ଲକଡ଼, ମଲ୍ଲପୁରମ ଓ କୋଝିକୋଡରେ ୩୦୦ରୁ ଅଧିକ ସମ୍ପର୍କ ଠାବ କରାଯାଇଛି।

## ଭାରତ ଚିକିତ୍ସା ପର୍ଯ୍ୟଟନ ଏବଂ ଔଷଧ ଗବେଷଣାର ବିଶ୍ୱ କେନ୍ଦ୍ର ପାଲଟିଛି: ଓମ୍ ବିରଲା

ନୂଆଦିଲ୍ଲୀ,୫।୭: ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା କହିଛନ୍ତି ଯେ ଭାରତର ଚିକିତ୍ସା ବ୍ୟବସ୍ଥା ଆଜି ଏହାର ଗୁଣବତା, ସୁଗମତା ଏବଂ ନିର୍ଭରଯୋଗ୍ୟତା ଯୋଗୁଁ ବିଶ୍ୱରେ ଏକ ନୂତନ ପରିଚୟ ସୃଷ୍ଟି କରୁଛି। ସେ ଶନିବାର ନୂଆଦିଲ୍ଲୀରେ ଇନୋଭେଟିଭ୍ ଫିଜିସିଆନ୍ ଫୋରମ୍ ଦ୍ୱାରା ଆୟୋଜିତ ସପ୍ତମ ବାର୍ଷିକ ଅନ୍ତର୍ଜାତୀୟ ସମ୍ମିଳନୀ ଆଇପିଏଫ୍ ମେଡିକନ୍-୨୦୨୫ର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରୁଥିଲେ। ବିର୍ଲା କହିଛନ୍ତି ଯେ 'ଏହା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ଯୁଗ। କୃତ୍ରିମ ବୁଦ୍ଧିତା (ଏଆଇ), ସ୍ୱୟଂଚାଳିତତା ଏବଂ ନାନୋ ବିଜ୍ଞାନ ଭଳି କ୍ଷେତ୍ରରେ ଦ୍ରୁତ ବିକାଶ କେବଳ ଚିକିତ୍ସା ଗବେଷଣା ନୁହେଁ ବରଂ ଚିକିତ୍ସା ପଦ୍ଧତିଗୁଡ଼ିକୁ ମଧ୍ୟ ଅଧିକ ସଠିକ୍, ପ୍ରଭାବଶାଳୀ ଏବଂ ଦକ୍ଷ କରିଛି।' ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଆଧୁନିକ ଯୁଗରେ ଚିକିତ୍ସା କ୍ଷେତ୍ରରେ ନିରନ୍ତର ନବସୃଜନ ଏବଂ ଗବେଷଣାକୁ ପ୍ରାଥମିକତା ଦିଆଯିବା ଉଚିତ।

## ଅଧାରେ ରହିଲା ଆଇଏଏସ୍ ହେବାର ସ୍ୱପ୍ନ
## ଲିଫ୍ଟରେ ଅଣନିଶ୍ୱାସୀ ହୋଇ ଚାଲିଗଲା ଜୀବନ

ନୂଆଦିଲ୍ଲୀ,୫।୭: ଅଧାରେ ରହିଲା ଆଇଏଏସ୍ ହେବାର ସ୍ୱପ୍ନ। ଲିଫ୍ଟରେ ଅଣନିଶ୍ୱାସୀ ହୋଇ ଚାଲିଗଲା ଜୀବନ। 'ଭାଇରେ ମୋତେ ବଞ୍ଚେଇ ଦେ...ନିଶ୍ୱାସ ନେଇପାରୁନି।' ଏହା ଥିଲା ବିଶାଲ ମେଗା ମାର୍ଟର ଲିଫ୍ଟରେ ଫସି ମୃତ୍ୟୁବରଣ କରିଥିବା ଯୁବକଙ୍କ ଶେଷ ମେସେଜ୍। ଶୁକ୍ରବାର ଦିନ ଦିଲ୍ଲୀର କାରୋଲ ବାଗରେ ଥିବା ବିଶାଲ ମେଗା ମାର୍ଟରେ ଅଗ୍ନିକାଣ୍ଡ ଘଟିଥିଲା, ଯାହା ଯୋଗୁଁ ୨୫ବର୍ଷୀୟ ଛାତ୍ର ଧୀରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। କୁହାଯାଉଛି ଯେ ଅଗ୍ନିକାଣ୍ଡ ଯୋଗୁଁ ଧୀରେନ୍ଦ୍ର ଲିଫ୍ଟରେ ଫସି ଯାଇଥିଲେ ଏବଂ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ। ପରିବାର ଲୋକେ ଧୀରେନ୍ଦ୍ରଙ୍କ ମୃତ୍ୟୁ ପାଇଁ ବିଶାଲ ମେଗା ମାର୍ଟକୁ ଦାୟୀ କରିଛନ୍ତି। ଅବହେଳା ପାଇଁ ଏହା ଘଟିଥିବା ଅଭିଯୋଗ କରିଛନ୍ତି। ବଡ଼ ଭଉଣୀ କହିଛନ୍ତି ଯେ, ଯଦି ଭାଇକୁ ଠିକ୍ ସମୟରେ ଲିଫ୍ଟରୁ ବାହାର କରାଯାଇଥାନ୍ତା, ତେବେ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା। ସୂଚନା ମୁତାବକ, ଧୀରେନ୍ଦ୍ର ଗତ ପାଞ୍ଚ ବର୍ଷ ଧରି ଦିଲ୍ଲୀରେ ରହି ୟୁପିଏସସି ପାଇଁ ପ୍ରସ୍ତୁତି କରୁଥିଲେ। ସେ କରୋଲ ବାଗର ଏକ ପିଜିରେ ରହୁଥିଲେ। ଗୁରୁବାର ନିଜ ଘର ସୋନଭଦ୍ରରୁ ଆସିଥିବା ବେଳେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିଲା।

## ସମ୍ଭଲ ସଡକ ଦୁର୍ଘଟଣା: ୮ ମୃତ

ସମ୍ଭଲ,୫।୭: ଜିଲ୍ଲାର ହରିଗୋବିନ୍ଦପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବରଯାତ୍ରୀ ବାହାରିବା ବେଳେ ଏକ କାର ଏକ ସ୍କୁଲ କାନ୍ଥ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବର ସହିତ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କିଛି ଲୋକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ମଧ୍ୟରୁ ତିନି ଜଣ ଚିକିତ୍ସା ସମୟରେ ପ୍ରାଣ ହାରାଇଛନ୍ତି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ଏବେ ୮ ହୋଇଛି। ପୋଲିସ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଚାଲିଛି। ଗ୍ରାମରୁ କିଛି ଦୂର ଥିବା ଜନତା ଇଣ୍ଟର କଲେଜର କାନ୍ଥରେ ବରର କାର ଜୋରରେ ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ କାର ପୂରାପୁରି ଭାଙ୍ଗିଯାଇଥିଲା ଏବଂ ଏଥିରେ ବସିଥିବା ବର ସହିତ ୫ ଜଣଙ୍କ ସ୍ଥଳେ ମୃତ୍ୟୁ ହୋଇଛି ।ଏହି ସଡ଼କ ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି(ପିଏମଏନଆରଏଫ)ରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ) ଏକ୍ସ ରେ ଏକ ପୋଷ୍ଟରେ କହିଛନ୍ତି ଯେ, 'ଉତର ପ୍ରଦେଶର ସମ୍ଭଲରେ ଘଟିଥିବା ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁ ମୋତେ ଗଭୀର ଦୁଃଖ ଦେଇଛି। ଦୁର୍ଘଟଣାରେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କ ପ୍ରତି ମୁଁ ସମବେଦନା ଜଣାଉଛି। ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

## ଆରଜେଡି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେଲେ ଲାଲୁ ଯାଦବ

ପାଟଣା, ,୫।୭: ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ପୁଣି ଥରେ ଶନିବାର ଦିନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିଯୁକ୍ତି ହୋଇଛନ୍ତି। ତାଙ୍କର ଏହି କାର୍ଯ୍ୟକାଳ ୨୦୨୮ ପର୍ଯ୍ୟନ୍ତ ରହିବ। ଲାଲୁ ଯାଦବ ୧୩ଥର ପାଇଁ ଆରଜେଡିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇଛନ୍ତି। ଦଳର ନେତାମାନେ ତାଙ୍କୁ ପ୍ରମାଣପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

## ମୁଁ ୧୩୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିବି: ଦଲାଇ ଲାମା

ନୂଆଦିଲ୍ଲୀ,୫।୭: ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମା ଶନିବାର ତାଙ୍କ ଉତ୍ତରାଧିକାରୀଙ୍କ ଘୋଷଣାକୁ ନେଇ ଚାଲିଥିବା ଗୁଜବର ଅନ୍ତ ଘଟାଇଛନ୍ତି। ସେ ପ୍ରାୟ ୧୩୦ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିବାକୁ ଆଶା କରୁଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସେ ଲୋକଙ୍କ ସେବା କରିବା ପାଇଁ ଆହୁରି ୩୦-୪୦ ବର୍ଷ ବଞ୍ଚିବାକୁ ଆଶା କରୁଛନ୍ତି। ଧର୍ମଶାଳାର ମ୍ୟାକଲିଓଡଗଞ୍ଜରେ ଥିବା ମୁଖ୍ୟ ଦଲାଇ ଲାମା ମନ୍ଦିର (ସୁଗଲାଗଖାଙ୍ଗ)ରେ ରବିବାର ତାଙ୍କ ୯୦ତମ ଜନ୍ମଦିନ ପୂର୍ବରୁ ଏକ ଦୀର୍ଘାୟୁ ପ୍ରାର୍ଥନା ଉତ୍ସବରେ ଭାଷଣ ଦେଇ ସେ କହିଛନ୍ତି, ତାଙ୍କ ପାଖରେ ଅବଲୋକିତେଶ୍ୱରଙ୍କ ଆଶୀର୍ବାଦ ତାଙ୍କ ସହିତ ଥିବାର ସ୍ପଷ୍ଟ ସଙ୍କେତ ଅଛି। ଅନେକ ଭବିଷ୍ୟବାଣୀ ଦେଖି ମୁଁ ଅନୁଭବ କରୁଛି ଯେ ମୋ ପାଖରେ ଅବଲୋକିତେଶ୍ୱରଙ୍କ ଆଶୀର୍ବାଦ ଅଛି। ମୁଁ ଏପର୍ଯ୍ୟନ୍ତ ମୋର ସର୍ବୋତ୍ତମ ଚେଷ୍ଟା କରିଛି। ଆପଣମାନଙ୍କ ସମସ୍ତଙ୍କ ପ୍ରାର୍ଥନା ଏପର୍ଯ୍ୟନ୍ତ ଫଳପ୍ରଦ ହୋଇଛି।



## 'ତ୍ରିଭୁବନ ସହକାରୀ ୟୁନିଭର୍ସିଟି' ପାଇଁ ଭୂମି ପୂଜନ

# ସମବାୟର ମୂଲ୍ୟବୋଧ ଶିଖିବେ ଶିକ୍ଷାର୍ଥୀ: ଶାହା

ନୂଆଦିଲ୍ଲୀ,୫।୭(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଗୁଜରାଟର ଆଣନ୍ଦଠାରେ ଦେଶର ପ୍ରଥମ ସମବାୟ ବିଶ୍ୱବିଦ୍ୟାଳୟ, 'ତ୍ରିଭୁବନ ସହକାରୀ ୟୁନିଭର୍ସିଟୀ ପାଇଁ ଭୂମିପୂଜନ କରିଛନ୍ତି। ଏହି ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ ଏବଂ ସମବାୟ ମନ୍ତ୍ରଣାଳୟର ସଚିବ ଡକ୍ଟର ଆଶିଷ କୁମାର ଭୁଟାନିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଶାହ ତାଙ୍କ ଅଭିଭାଷଣରେ କହିଛନ୍ତି, ଆଜି ସମବାୟ କ୍ଷେତ୍ର ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। ଆଜିର ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିଭୁବନ ଦାସ ପଟେଲ ଜୀଙ୍କୁ ପ୍ରକୃତ ଅର୍ଥରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଚାରି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର କୋଟି କୋଟି ଗରିବ ଏବଂ ଗ୍ରାମବାସୀଙ୍କ ଜୀବନରେ ଆଶା ସଞ୍ଚାର କରିବା ଏବଂ ସେମାନଙ୍କୁ ଆର୍ଥିକ



ଭାବରେ ସମୃଦ୍ଧ କରିବା ପାଇଁ ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା କରିଥିଲେ। ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା ହେବା ପରଠାରୁ ଗତ ଚାରି ବର୍ଷ ମଧ୍ୟରେ ଏହି ମନ୍ତ୍ରଣାଳୟ ଭାରତରେ ସମବାୟ କ୍ଷେତ୍ରର ବିକାଶ, ପ୍ରୋତ୍ସାହନ ଏବଂ ସମାନ ଅଭିବୃଦ୍ଧି ପାଇଁ ୬୦ଟି ନୂତନ ପଦକ୍ଷେପ ଗ୍ରହଣ କରିଛି। ସମବାୟ ଆନ୍ଦୋଳନକୁ ଦୀର୍ଘସ୍ଥାୟୀ, ସ୍ୱଚ୍ଛ, ସାର୍ବଜନୀନ କରିବା, ଏହାକୁ ବିକଶିତ କରିବା, ସହଯୋଗ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ ସମବାୟ ଆନ୍ଦୋଳନରେ ମହିଳା ଶକ୍ତି ଓ ଯୁବପିଢ଼ିଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ଏହି ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ଶାହ କହିଛନ୍ତି। ଶ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି ଆଣନ୍ଦରେ ଭାରତର ପ୍ରଥମ ସମବାୟ ବିଶ୍ୱବିଦ୍ୟାଳୟ, "ତ୍ରିଭୁବନ ସହକାରୀ ୟୁନିଭର୍ସିଟି''ର ଶିଳାନ୍ୟାସ କରାଯାଇଛି। ୧୨୫ ଏକରରୁ ଅଧିକ ସ୍ଥାନରେ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ସେ ଆହୁରି କହିଛନ୍ତି ଯେ "ତ୍ରିଭୁବନ ସହକାରୀ ୟୁନିଭର୍ସିଟି''ର ଶିଳାନ୍ୟାସ ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବାରେ ସମସ୍ତ ଅଭାବ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସମଗ୍ର ଦେଶରେ ସମବାୟ ଆନ୍ଦୋଳନ ଦ୍ରୁତ ଗତିରେ ଆଗକୁ ବଢୁଛି। ଏହି ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ଏ ଦିଗରେ ଏକ କ୍ରାନ୍ତିକାରୀ ପଦକ୍ଷେପ। ଆଜି ସାରା ଦେଶରେ ସମବାୟ ଆନ୍ଦୋଳନ ସହିତ ୪୦ ଲକ୍ଷ କର୍ମୀ, ୮୦ ଲକ୍ଷ ବୋର୍ଡର ସଦସ୍ୟ ଏବଂ ୩୦ କୋଟି ଲୋକ ଜଡ଼ିତ । ଅର୍ଥାତ୍ ଦେଶର ଚାରି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ସମବାୟ ଆନ୍ଦୋଳନ ସହ ସମ୍ପୃକ୍ତ ରହିଛି । କେନ୍ଦ୍ର ସମବାୟ ମନ୍ତ୍ରୀ କହିଛନ୍ତି, ପୂର୍ବରୁ ସମବାୟ କ୍ଷେତ୍ରର ବିକାଶ ପାଇଁ କର୍ମଚାରୀ ଏବଂ ସମବାୟ ସମିତିର ସଦସ୍ୟମାନଙ୍କୁ ତାଲିମ ଦେବା ପାଇଁ କୌଣସି ଉପଯୁକ୍ତ ବ୍ୟବସ୍ଥା ନଥିଲା। ସମବାୟ କ୍ଷେତ୍ରରେ ନିଯୁକ୍ତି ପରେ କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଥିଲା, କିନ୍ତୁ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ କେବଳ ତାଲିମ ନେଇଥିବା ବ୍ୟକ୍ତିମାନେ ଚାକିରି ପାଇବେ।

## ରମ୍ଭା ପୂର୍ତ୍ତ ବିଭାଗ ପରିସରରେ ବୃକ୍ଷରୋପଣ

ରମ୍ଭା(ନିପ୍ର): ପବିତ୍ର ବାହୁଡ଼ା ଯାତ୍ରା ଓ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଖଲ୍ଲିକୋଟ ବନାଞ୍ଚଳ ଓ ରମ୍ଭା ପୂର୍ତ୍ତ ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ପୂର୍ତ୍ତ ବିଭାଗ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ହିଁ ଜୀବନ ନ୍ୟାୟରେ ଏ ବର୍ଷ ମାନବ ଜାତି ପାଇଁ 'ମାଆଟିଏ ଗଛଟିଏ' ର ଆହ୍ୱାନକୁ ଉପସ୍ଥିତ ବ୍ୟକ୍ତିବିଶେଷମାନେ ଗ୍ରହଣ କରିଥିଲେ। ବୃକ୍ଷ ରୋପଣ ସହିତ ତାର ଉପଯୁକ୍ତ ଯତ୍ନ ନେବାପାଇଁ ସମସ୍ତଙ୍କୁ ଅନୁରୋଧ କରଯାଇଥିଲା। କାର୍ଯ୍ୟକ୍ରମରେ ବନବିଭାଗ ତରଫରୁ ଫରେଷ୍ଟର୍ ଶ୍ରୀ ଡି.ପ୍ରଶାନ୍ତ ରାଓ, ଫରେଷ୍ଟ ଗାର୍ଡ ଦେବାଶିଷ ପଟ୍ଟନାୟକ, ଜଗନ୍ନାଥ ଦଣ୍ଡସେନା,ଜିତେନ୍ଦ୍ର ଉପସ୍ଥିତ ଥିବାବେଳେ ପୂର୍ତ୍ତ ବିଭାଗ ତରଫରୁ କୋଷାଧକ୍ଷ ରଘୁନାଥ ମହାପାତ୍ର,କିରାଣୀ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ,ବିପିନ ବିହାରୀ ଗୌଡ , ସନ୍ତୋଷ ମହାପାତ୍ର, କରନ୍ ଗୌଡ, ଜିଗ୍ନେସ ଗୌଡ,କୃଷ୍ଣଚନ୍ଦ୍ର ନାୟକ, ନିଶିକାନ୍ତ ତରେଇ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ରମ୍ଭା ପରିସରରେ ପୂର୍ବରୁ ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲେ ବି ଏ ବର୍ଷ କେତେକ ଔଷଧୀୟ ଏବଂ ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଛି।

## ବୃଦ୍ଧାଙ୍କ ବେକରୁ ଲୁଟେରା ଝାମ୍ପିନେଲେ ସୁନାମାଳି

ହିଞ୍ଜିଳିକାଟୁ,(ନିପ୍ର): ଶୁକ୍ରବାର ଭୋରରେ ଜୈନିକ ବୃଦ୍ଧା ପରିସ୍ରା କରିବାକୁ ଘର ବାହାରକୁ ଆସିଥିବା ବେଳେ ଲୁଟେରା ବୃଦ୍ଧାଙ୍କ ବେକରୁ ସୁନା ମାଳି ଲୁଟି ନେଇଛନ୍ତି। ଏଭଳି ଏକ ଘଟଣା ଶୁକ୍ରବାର ଭୋରରେ ହିଞ୍ଜିଳି ଥାନା ସିକିରି ଗ୍ରାମରେ ଘଟିଛି। ପ୍ରକାଶ ଯେ, ଶୁକ୍ରବାର ଭୋର ପ୍ରାୟ ସାଢେ ୨ ଘଣ୍ଟା ସମୟରେ ସିକିରି ଗ୍ରାମର ବୃଦ୍ଧା କେତା ସ୍ୱାଇଁ (୮୫) ପରିସ୍ରା କରିବାକୁ ଘର ବାହାରକୁ ଆସିଥିବା। ସେହି ସମୟରେ ଜଣେ ଲୁଟେରା ହଠାତ୍ ବୃଦ୍ଧାଙ୍କ ନିକଟକୁ ଆସି ବୃଦ୍ଧାଙ୍କ ମୁହଁରେ ଗାମୁଛା ଢାଙ୍କି ବେକରୁ ପ୍ରାୟ ୨ ଭରି ଓଜନର ୨ଟି ସୁନା ମାଳି ଝାମ୍ପି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘରୁ ବାହାରକୁ ଆସି ନିକଟସ୍ଥ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନଥିଲା। ଘଟଣା ନେଇ ବୃଦ୍ଧା ଜଣଙ୍କ ଶୁକ୍ରବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଲୁଟେରାକୁ ଯଥାଶୀଘ୍ର ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

## ଝାଡ଼ାବାନ୍ତି ରୋଗ ବୃଦ୍ଧି ପାଉଛି: ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି ଯୋଗାଇବା ଦାବି

ନିମାପଡ଼ା, (ନି.ପ୍ର.): ନିମାପଡ଼ା ଏବଂ ଆଖପାଖ ଗ୍ରାମରେ ଝାଡ଼ାବାନ୍ତି ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଅନେକ ବ୍ୟକ୍ତି ଚିକିତ୍ସିତ ହୋଇ ଫେରୁଥିବା ବେଳେ ଶନିବାର ସଂଧ୍ୟା ସୁଦ୍ଧା ୧୨ ଜଣ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ପ୍ରକାଶ। ଗତ ୧ ସପ୍ତାହ ହେଲା ଦିନକୁ ୩୦-୪୦ ଜଣ ରୋଗୀ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ କେନ୍ଦ୍ରକୁ ଆସୁଥିବା ବେଳେ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା କେନ୍ଦ୍ର ସୂତ୍ରରୁ ପ୍ରକାଶ। ଶନିବାର ଦିନ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥିଲେ ଏବଂ ଚିକିତ୍ସିତ ହୋଇ ଫେରିଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ସୁବ୍ରତ ମହାପାତ୍ରଙ୍କ ଠାରୁ ପ୍ରକାଶ। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ବିଭିନ୍ନ ଭୋଜିଭାତ ଖାଇଥିବା ବ୍ୟକ୍ତି ବିଶେଷ ଏହି ରୋଗରେ ଆକ୍ରାନ୍ତ ହୋଇ ଆସିଥିବା ସଂପର୍କରେ ଡ଼ଃ ମହାପାତ୍ର ସୂଚନା ଦେଇ ବାସି ଖାଦ୍ୟ ଏବଂ ଦୂଷିତ ଜଳପାନ ଯୋଗୁଁ ଏହି ରୋଗ ବୃଦ୍ଧି ପାଉଛି ବୋଲି ମତ ଦେଇଥିଲେ। ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ରୋଗର ମୁକାବିଲା ପାଇଁ ଆବଶ୍ୟକୀୟ ଇଞ୍ଜେକ୍ସନ, ଔଷଧ ମହଜୁତ ଅଛି ଏବଂ ସମସ୍ତ ପ୍ରକାର ପରିସ୍ଥିତିକୁ ଆୟତ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ପ୍ରସ୍ତୁତ ହୋଇ ରହିଛନ୍ତି ବୋଲି ଡ଼ାକ୍ତର ମହାପାତ୍ର ସୂଚନା ଦେଇଥିଲେ। ରୋଗର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଭ୍ରାମ୍ୟମାଣ ଗାଡ଼ି ପଠାଇ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାକୁ ଯୁବନେତା ତଥା ଏନ୍ଏସି ଉପ-ନଗରପାଳ ସନ୍ତୋଷ ଦାଶ ଦାବୀ କରିଛନ୍ତି।

## ସମ୍ମାନଜନକ ଆଇକନିକ୍ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ

ଭାପୁର,(ନିପ୍ର): ଭାପୁର ବ୍ଲକ ଫତେଗଡ ଆଦର୍ଶ ବିଦ୍ୟାଳୟର ୩ ଜଣ ଛାତ୍ରୀ ଏବଂ ଜଣେ ଛାତ୍ର ଯୁକ୍ତ ଦୁଇ ବିଜ୍ଞାନରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଭୁବନେଶ୍ୱରସ୍ଥ ଅନ୍ଧାରୁଆରେ ଅବସ୍ଥିତ ସମ୍ମାନଜନକ ଆଇକନିକ୍ ବିଜ୍ଞାନ ମହାବିଦ୍ୟାଳୟରେ ଚଳିତ ବର୍ଷ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ଫତେଗଡ ଆଦର୍ଶ ବିଦ୍ୟାଳୟର ଅର୍ପିତା ମହାପାତ୍ର, ଶ୍ରୀନୁ ସାଇକ୍ରୀଷ୍ଣା,ଶୁଭଲକ୍ଷ୍ମୀ ସାହୁ ଏବଂ ପୂଜା ସେଠୀ କୃତକାର୍ଯ୍ୟ ହୋଇ ଭାପୁର ବ୍ଲକ ପାଇଁ ଗର୍ବ ଆଣିଛନ୍ତି । ଫଳରେ,ବିଦ୍ୟାଳୟ ପରିସରରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ,କର୍ମଚାରୀ, ସହପାଠୀ ତଥା ଅଞ୍ଚଳବାସୀ ସଫଳତା ପାଇଥିବା ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ,ସେ ମହାବିଦ୍ୟାଳୟ ରେ ୫୦୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ ଏବଂ ପାଠ ପଢା, ରହିବା ଖର୍ଚ୍ଚ ସମ୍ପୂର୍ଣ୍ଣ ମାଗଣା ହୋଇଥାଏ ।

## ମୃତକଙ୍କ ପରିବାରକୁ ଭେଟିଲେ ବ୍ରହ୍ମଗିରି ବିଧାୟିକା

କୃଷ୍ଣପ୍ରସାଦ,(ନି ପ୍ର): ସେବା, ତ୍ୟାଗ ଓ ପରୋପକାରକୁ ବ୍ରତ ଭାବେ ଗ୍ରହଣ କରିଥିବା ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମକୁ ଗସ୍ତ କରି ପର ଲୋକଗତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି । କୃଷ୍ଣପ୍ରସାଦ ପଞ୍ଚାୟତ ଅଧିନ ସାନଅଁଳ ଗ୍ରାମର ପୂର୍ବତନ ସରପଞ୍ଚ କୁମାର ସିଂହଙ୍କ ମା ଙ୍କ ଦେହାନ୍ତ ହୋଇଥିଲା । ବ୍ରହ୍ମଗିରି ବିଧାୟିକା ମୃତକଙ୍କ ପରିବାର ନିକଟରେ ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଥିଲେ । ସେହିପରି ତିଛିଣି ଗ୍ରାମର ଶ୍ରୀଧର ପଲେଇଙ୍କ ପତ୍ନୀଙ୍କ ଅକାଳ ବିୟୋଗ ଘଟିଥିଲା । ଖବର ପାଇ ବିଧାୟିକା ଉଭୟ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଦୁଃଖ ପ୍ରକାଶ କରିଥିଲେ । ବିଧାୟିକାଙ୍କ ସହ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ,ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା, ବ୍ଲକ ଆମ୍ବା କମିଟି ଅଧକ୍ଷ ସଞ୍ଜୟ କୁମାର ସେଠୀ , ପୂର୍ବତନ ସରପଞ୍ଚ ମିଟୁ ସିଂହ ସାମନ୍ତ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ସମେତ ସମର୍ଥକ ମାନେ ବିଭିନ୍ନ ଗ୍ରାମକୁ ଗସ୍ତ କରି ମୃତକଙ୍କ ପରିବାର ବର୍ଗକୁ ଭେଟିଥିଲେ ।

## ବିପଦସଂକୁଳ ଅବସ୍ଥାରେ ସହରର ବହୁ ପୁରୁଣା କୋଠା

### ଚିହ୍ନଟ ଓ ଭାଙ୍ଗିବା ପାଇଁ ସାଧାରଣରେ ଦାବି



କଟକ, (ନିପ୍ର): ଗତ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ରାଣୀହାଟ ଅଂଚଳ ମାଳିସାହିରେ ଭାଗବତୀ ମାତାଙ୍କ ୭୦ବର୍ଷ ତଳର ପୁରୁଣା ଘରର ଛାତ ଭୁଷୁଡ଼ି ପଡ଼ିବା ପରେ ପରିବାରର ସଦସ୍ୟମାନେ ସୌଭାଗ୍ୟ ବଶତଃ ରକ୍ଷା ପାଇଯାଇଥିଲେ। ଯଦିଓ ଗତ କିଛି ଦିନ ଧରି ଲଗାତାର ବର୍ଷା ଯୋଗୁ ଛାତରେ ପାଣି ଜମାହେବା ଓ ଛାତର ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଏବଂ ଜଳ ନିଷ୍କାସନରେ ଅସୁବିଧା ଥିବାରୁ ଏହା ଭୁଷୁଡ଼ି ପଡ଼ିଥିବା କୁହାଯାଉଛି । ସୂଚନାଯୋଗ୍ୟ ୨୨ ଜୁଲାଇ ୨୦୨୨ରେ ଦେଉଳସାହିରେ ଥିବା ଏକ ସରକାରୀ ଆବାସିକ କ୍ୱାର୍ଟରର କାନ୍ଥ ଭୁଷୁଡ଼ି ପଡ଼ିବା ଫଳରେ କଟକ ମହାନଗର ନିଗମର ଜଣେ ସାନିଟାରୀ କର୍ମଚାରୀ ଡ୍ରେନ ସଫା କରୁଥିବା ସମୟରେ ସେତେବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ୨୫ ଜୁଲାଇ ୨୦୨୨ରେ ଓଡ଼ିଆ ବଜାରରେ ଥିବା ଏକ ପୁରୁଣା କୋଠା ଭୁଷୁଡ଼ି ପଡ଼ିଥିଲା। ଏଥିରେ ଘର ମାଲିକ ତୁସାନ୍ତ ମଣ୍ଡଳ ଓ ତାଙ୍କ ପରିବାରର ଅନ୍ୟ ୨ ସଦସ୍ୟ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଏହାଛଡ଼ା ମାଲଗୋଦାମରେ ଏକ ଘରର କାନ୍ଥରେ ଏୟାରକଣ୍ଡିସନ ଲଗାଉଥିବା ୨ ଜଣ ବିଦ୍ୟୁତ କର୍ମଚାରୀ ପୁରୁଣା କାନ୍ଥ ଭୁଷୁଡ଼ି ପଡ଼ିବାରୁ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣା ଗୁଡ଼ିକ ହଜାର ବର୍ଷ ଧରି ସହରରେ ବିପଦ ସଂକୁଳ ଅବସ୍ଥାରେ ଥିବା ପୁରୁଣା କୋଠା ଯୋଗୁ ବହୁ ଲୋକ ଅସୁରକ୍ଷିତ ଅବସ୍ଥାରେ ରହୁଥିବା ଜଣା ପଡ଼ିଛି। ଏସବୁ କୋଠା କୌଣସି ସମୟରେ ଭୁଷୁଡ଼ି ଯିବାର ଆଶଙ୍କା ରହିଛି । କିନ୍ତୁ ସିଏମସି ପକ୍ଷରୁ ଏହି ସବୁ ପୁରୁଣା କୋଠାର ଚିହ୍ନଟ କରାଯିବା ଓ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ ନ କରିବା ସାଧାରଣରେ ଅଭିଯୋଗ ହେଉଛି। ସହରରେ ଅନେକ ପୁରୁଣା ଘରୋଇ କୋଠା, ସରକାରୀ କାର୍ଯ୍ୟାଳୟ, କ୍ୱାର୍ଟର ଓ କଲୋନୀ ରହିଛି । ବିଶେଷକରି ପେନସନଲେନ, ନିମଚଉଡ଼ି, ବର୍କ୍ସବଜାର, ଝାଞ୍ଜିରିମଂଗଳା, ଫିରିଙ୍ଗିବଜାର, ଚୌଧୁରୀ ବଜାର ଅଂଚଳରେ ଅନେକ ପୁରୁଣା ଘର ଓ କୋଠା ଅସୁରକ୍ଷିତ ଅବସ୍ଥାରେ ରହିଛି । ଏଠାରେ ଯଦି କୌଣସି ଅଘଟଣ ଘଟେ ତେବେ ସଂକୀର୍ଣ୍ଣ ରାସ୍ତା ଯୋଗୁ ପ୍ରଶାସନକୁ ଉଦ୍ଧାର କାର୍ଯ୍ୟ କରିବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ।

## ଘରେ ପଶି ଚୋରି : ୮ ମୋବାଇଲ ଫୋନ ଜବତ, ଚୋର ଗିରଫ

ଭୁନେଶ୍ୱର,(ନିପ୍ର): ଘରେ ପଶି ମୋବାଇଲ ଫୋନ ଏବଂ ଟଙ୍କା ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଶନିବାର ଜଣେ ପେଶାଦାର ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ସାଗର ପୁନ ଓରଫ ଗୁଡ୍ଡୁ ଓରଫ ନେପୁ (୨୬) ଓ ତାଙ୍କ ଘର ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ୮ଟି ମୋବାଇଲ ଫୋନ ଜବତ କରିଛି। ଏନେଇ କୃଷ୍ଣଚନ୍ଦ୍ର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁ ସତ୍ୟବ୍ରତ ନାୟକ ପ୍ଲଟ୍ ନମ୍ବର ୧୨୮୦, ଗଡ ସାହି, ନୟାପଲ୍ଲୀ ରେ ରହୁଥିଲେ। ଗତ ୩ ତାରିଖ ରାତି ପ୍ରାୟ ୧୨ଟା୩୦ରେ ସେମାନେ ଶୋଇବା ପାଇଁ ଯାଇଥିଲେ ଏବଂ ସମୟ ପ୍ରାୟ ଭୋର ୪ଟାରୁ ୫ଟା ମଧ୍ୟରେ ଉଠିବା ପରେ ସେମାନଙ୍କର ଦୁଇଟି ମୋବାଇଲ ଫୋନ୍, ୩ହଜାର ଟଙ୍କା, ଏଟିଏମ କାର୍ଡ, ପାନ୍ କାର୍ଡ, ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ଥିବା ଏକ ବୁଲେଟ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅଭିଯୋଗକାରୀ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ, ଆଜି ସକାଳ ୮ଟା ସମୟରେ, ବିଶ୍ୱସ୍ତ ସୂଚନା ଆଧାରରେ ସିଆରପି ମୁଣ୍ଡା ସାହି ଅଂଚଳରେ ଚଢଉ କରାଯାଇ ଶସ୍ତା ମୂଲ୍ୟରେ ଏକ ମୋବାଇଲ ଫୋନ ବିକ୍ରୟ କରିବାକୁ ଚେଷ୍ଟା କରୁଥିବା ସମୟରେ ଅଭିଯୁକ୍ତ ସାଗରଙ୍କୁ ଗିରଫ କରାଯାଇଥିଲା । ବ୍ୟକ୍ତିଗତ ତଲାସୀ ସମୟରେ, ପୋଲିସ ସାଗରଙ୍କ ହେପାଜତରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଥିଲା, ଯାହାର ସେ ରସିଦ ଦେଖାଇ ପରିନଥିଲେ। ନିରନ୍ତର ପଚରାଉଚରା ପରେ, ସେ ଘଟଣା ରାତିରେ ଅଭିଯୋଗକାରୀଙ୍କ ଘରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ସ୍ଥାନୀୟ ଅଂଚଳରେ ମୋବାଇଲ୍ ଫୋନ୍ ଏବଂ ମୋଟରସାଇକେଲ୍ ଚୋରି କରିବା ପାଇଁ ଜଣାଶୁଣା।

## ଅବକାରୀ ଚଢ଼ାଉରେ ଦେଶୀମଦ ସହ ପୋଚ ନଷ୍ଟ,୫ଟି ମାମଲା ରୁଜୁ

ଆଠଗଡ଼,(ନିପ୍ର): ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ଶ୍ରୀ ସି.ଏଚ ତିରୁପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ ଓ ଖଣ୍ଡୁଆଳୀ ଜଙ୍ଗଲରେ ଅବକାରୀ ଚଢାଉ କରାଯାଇ ସର୍ବମୋଟ ୧୮୯୦ ଲିଟର ଦେଶୀମଦ ସହ ୧୭୯୫୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା,,ସଦର ଅବକାରୀ ବିଭାଗ, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ବିଭାଗ ସହିତ ଏହି ମିଳିତ ଚଢ଼ାଉ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ କେହି ଗିରଫ ହୋଇନଥିବାବେଳେ ୫ଟି ମାମଲା ରୁଜୁ କରାଯାଇଛି।

## ସଡକ ଦୁର୍ଘଟଣାରେ ଯୁବକ ମୃତ

ଚାରିଛକ,(ନିପ୍ର): ଚାରିଛକ-ନିମାପଡା ମୁଖ୍ୟ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧିନଥିବା ଜଣାପଡିଛି । ସୁଚନା ମୁତାବକ ଶୁକ୍ରବାର ରାତିରେ ନିଆଳୀ ଥାନା ଅନ୍ତର୍ଗତ ବାଘ ସାହିର ସାଗର ଭୋଇ (୨୫) ଏକ ବିବାହ ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ଚାରିଛକ ଥାନା ଅନ୍ତର୍ଗତ ବିଶିମାତ୍ରୀ ଛକ ନିକଟରେ ଏହି ଥାନା ଅନ୍ତର୍ଗତ ଓଳାଂଶ ଗ୍ରାମର ସାଗର ଦାସ ଏକ ବାଇକରେ ନିମାପଡା ପଟୁ ଦୃତଗତିରେ ଆସି ସାଗରକୁ ଧକ୍କା ଦେଇଥିଲା । ଉଭୟେ ରାସ୍ତା ଉପରେ ଛିଟିକି ପଡିଥିଲେ । ଯୁବକ ଦୁଇଙ୍କୁ ସ୍ଥାନୀୟ ଲୋକମାନେ ଦୁର୍ଘଟଣା ସ୍ଥଳରୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ବାଘ ସାହିର ସାଗରକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଓଳାଂଶ ଗ୍ରାମର ସାଗର ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସାଧିନ ଥିବା ଜଣାପଡିଛି । ମୃତ ସାଗରଙ୍କ ଭାଇ ଜିତେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଚାରିଛକ ପୁଲିସ ୭୩ /୨୫ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଥିବା ବେଳେ ଘଟଣାର ତଦନ୍ତ ଚଳାଇଛି ।

## ୧୬୮ ବିଦେଶୀ ମଦ ବୋତଲ ସହିତ ବାଇକ ଜବତ : ଜଣେ ଗିରଫ

ନିରାକାରପୁର,(ନିପ୍ର): ଖୋରଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ମିରିଗଦୟଣୀ ରାସ୍ତାରେ ଆଜି ନିରାକାରପୁର ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ନିରାକାରପୁର ପୋଲିସ ଚଢ଼ାଉ କରି ୧୬୮ ବିଦେଶୀ ଚୋରା ମଦ ଜବତ କରିଛନ୍ତି। ତାହା ସହିତ ଏକ ବାଇକ ନମ୍ବର ଓ ଡି ୦୨ ଏ ଭି ୭୭୬୪ କୁ ଜବତ କରାଯାଉଛି। ପୁରୀ ଜିଲ୍ଲା ଗଡିଶାଗୋଦା ଥାନା ଅନ୍ତର୍ଗତ ବିଷ୍ଣିପୁର ଅସିତ୍ କୁମାର ବଳିଆରସିଂହକୁ ପୋଲିସ ଗିରଫ କରି କେସ ନଂ ୧୫୧/୨୫ ରେ ମାମଲା ରୁଜୁ କରି କରିଥିବା ଜଣାପଡିଛି।

## ବେଲଗୁଣ୍ଠା ଥାନାରେ ନୂତନ ଆଇଆଇସିଙ୍କୁ ସ୍ୱାଗତ



ବେଲଗୁଣ୍ଠା, (ନିପ୍ର), ବେଲଗୁଣ୍ଠା ଥାନା ପରିସରରେ ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଥିବା ରେବତୀ ଶବରଙ୍କୁ ଆଜି ଥାନା ତରଫରୁ ଏବଂ ବେଲଗୁଣ୍ଠା ପ୍ରେସକ୍ଲବ ତରଫରୁ ଉପଢ୍ୌକନ ଏବଂ ଜଗନ୍ନାଥଙ୍କ ଫଟୋ ଚିତ୍ର ଦେଇ ସ୍ୱାଗତ କରାଯାଇଥିଲା ଓ ସେହିପରି ଏଠାରେ ପୂର୍ବରୁ କାର୍ଯ୍ୟରତ ଥିବା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କୁ ମଧ୍ୟ ଉପଢ୍ୌକନ ଏବଂ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ଶ୍ରୀମତୀ ଶବର ପୂର୍ବରୁ ଗଞ୍ଜାମ ଜିଲ୍ଲା ତାରସିଂ ଥାନାରେ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବେଲଗୁଣ୍ଠା ଥାନାକୁ ବଦଳି ହୋଇଛି ଓ ସେହିପରି ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କୁ ଗାଙ୍ଗପୁର ଥାନାକୁ ବଦଳି ହୋଇଛି ଓ ଆଜିର ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ଏସ୍ଆଇ ଅଭୟ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଏଥିରେ ଅନ୍ୟତମ ଅତିଥି ରୂପେ ଏସ୍ଆଇ ବିଶ୍ୱରଞ୍ଜନ ନାୟକ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଏଏସ୍ଆଇ ଅନୁ ମଲ୍ଲିକ, ଏଏସ୍ଆଇ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


## କଳକୀ ଦରବାର ପକ୍ଷରୁ ମାସିକ ସତସଙ୍ଗ

କଟକ,(ନିପ୍ର): କଳକୀ ଦରବାର ପକ୍ଷରୁ ସ୍ଥାନୀୟ ମର୍କତନଗର ସେକ୍ଟର ୮ ରେ ମାସିକ ସତସଙ୍ଗ ଆୟୋଜିତ ହୋଇଯାଇଛି । ଆଧାତ୍ମିକ ଗୁରୁ ଅନନ୍ତ ଜ୍ଞାନଗୁରୁ ମହାରାଜାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସତସଙ୍ଗରେ ମୁଖ୍ୟ ବକ୍ତାଭାବେ ସାରସ୍ୱତ ଆଶ୍ରମର ସାଧୁ ମାନସ ଚୈତନ୍ୟ ମହାରାଜ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମହାପ୍ରଭୁ କଳକୀ ଭଗବାନ ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଫଟୋ ପୂଜାର୍ଚ୍ଚନା କରାଯାଇ ସତସଙ୍ଗ ଆରମ୍ଭ କରାଯାଇଥିଲା। ଦଶଅବତାର ସ୍ତୋତ୍ର, କଳକୀ ଭଜନ ଓ ଜଗନ୍ନାଥ ଷ୍ଟକ ଆବୃତ୍ତି କରାଯାଇଥିଲା। ଏହି ଅବସରରେ କୂଳ ପୁରୋହିତ ପଣ୍ଡିତ ହୃଷିକେଶ ପଣ୍ଡା ଆଳତୀ କରିଥିଲେ। ସଂଯୋଜ ସାମନ୍ତରାୟ ଭଜନ ଗାନ କରିଥିଲେ।

## ଜନ୍ମବେଦୀରୁ କର୍ମବେଦୀକୁ ଫେରିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ



**ରାଉରକେଲା:** ରାଉରକେଲା ଇସ୍ପାତ ନଗରୀରେ ବାହୁଡା ରଥଯାତ୍ରାରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସକାଳରୁ ରାଉରକେଲା ଇସ୍ପାତ ନଗରୀର ମାଉସୀ ମା ମନ୍ଦିରଗୁଡିକରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନ ପରେ, ମାଉସୀ ମା ମନ୍ଦିରରେ ରୀତିନୀତି ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା, ଭାଇ ବଳଭଦ୍ରଙ୍କୁ ପୂଜା କରିବା ପରେ, ଭକ୍ତି ଗୀତ ଏବଂ ଢୋଲ ବଜାଇ ନାଚ ଏବଂ ଗୀତ ଗାଇ ପହୁଣ୍ଡି ବିଜେ ସହିତ ରଥ ଉପରେ ବସାଇଥିଲେ। ଠାକୁର ରାଜାଙ୍କ ଦ୍ୱାରା ଛେରାପହଁରା ଓ ରଥ ମାର୍ଜନା କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଏହିପରି ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ରଥ, ସେକ୍ଟର-୫ ମାଉସୀ ମାଆ ମନ୍ଦିରରୁ ରଥ ପୂଜାର୍ଚ୍ଚନା ଏବଂ ଛେରାପହଁରା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଏଠାରେ ଠାକୁର ରାଜାଙ୍କ ରୂପରେ, ରାଉରକେଲା ଇସ୍ପାତ କାରଖାନାର ସିଇଓ ଆଲୋକ ବର୍ମା ରଥ ମାର୍ଜନା କରି ଛେରାପହଁରା କରିବା ପରେ, ପଣ୍ଡିତଙ୍କ ଦ୍ୱାରା ପୂଜା କରାଯାଇଥିଲା।



**କୃଷ୍ଣପ୍ରସାଦ :** ଶ୍ରୀକ୍ଷେତ୍ର ସହିତ ରାଜ୍ୟ ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ ଇପିଙ୍ଗ ସାହି ସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଦେବ ନବଦିନାତ୍ମକ ଯାତ୍ରା ସାରି ସ୍ୱ ମନ୍ଦିର ଅଭିମୁଖେ ବାହୁଡିଛନ୍ତି । ଏହି ଅବସରରେ ସ୍ଥାନୀୟ ଚନ୍ଦନ ପଡ଼ିଆ ସ୍ଥିତ ମାଉସୀ ମା ମନ୍ଦିରରୁ ଶ୍ରୀ ଜୀଉଙ୍କ ବିଗ୍ରହକୁ ରଥ ପହଣ୍ଡି ବିଜେ କରାଯାଇଥିଲା । ପାରିକୁଦ ରାଜାଙ୍କ ବ୍ରାହ୍ମଣ ପୁତ୍ର ଦିଲ୍ଲୀପ କୁମାର କେଶରୀ ଛେରା ପହଁରା କରିବା ପରେ ରଥ ଟଣାଯାଇଥିଲା । ଭଗବାନ ସେନାପତିଙ୍କ ତରଫରୁ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ମହାପ୍ରଭୁଙ୍କୁ ପୋଡ଼ ପିଠା ଲାଗି କରଯାଇଥିଲା । ଶ୍ରଦ୍ଧାଳୁ ମାନେ ରଥ ଟାଣିବା ସହ ସନ୍ଧ୍ୟା ୬ଟା ସୁଦ୍ଧା ମନ୍ଦିର ସିଂହ ଦ୍ୱାର ନିକଟରେ ଲାଗିଥିଲା । ମହାପ୍ରଭୁଙ୍କ ଜୟଜୟ କାର,ଘଣ୍ଟ, ବିଜେ କାହାଳୀ ଆଦି ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା । ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ପାଇଁ କୃଷ୍ଣପ୍ରସାଦ ଥାନା ଏଏସଆଇ ବ୍ରଜ ମୋହନ ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

**ଆସିକା:** ଆସିକା ପୌରାଞ୍ଚଳ ସୁନାମ୍ବ ସାହି ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପକ୍ଷରୁ ବାହୁଡ଼ା ଯାତ୍ରା। ସୋମବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜିଉଙ୍କ ନୀତିକାନ୍ତି ଭୋର ୪ ଟା ବେଳେ ମୁଖ୍ୟ ପୂଜକ ଦ୍ୱାରା ଆରମ୍ଭ ହୋଇଥିଲା ଅପରାହ୍ନ ୪ ଟାରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା କାଳୀନ ଖେଚୁଡ଼ି ଭୋଗ ଲାଗିବା ପରେ ମଇଲମ ଓ ସେନାପଟଲାଗି, ଟାହିଆ ଲାଗି ହୋଇଥିଲା । ମନ୍ଦିରର ପାଟ ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରିବା ପରେ ବୈଦିକ ରୀତିରେ ମଙ୍ଗଳାର୍ପଣ କରିବା ପରେ ରଥ ମଧକୁ ଶ୍ରୀ ଜୀଉଙ୍କୁ ଗୋଟି ପହଣ୍ଡିରେ ରଥ ପର୍ଯ୍ୟନ୍ତ ପହଣ୍ଡି ବିଜେ କରାଯାଇଥିଲା। ସାରଥୀ ଉପବେଶନ, ଅଦ୍ୟଯୋଗ୍ୟ ଓ ଦଉଡ଼ି ବନ୍ଧନ ପ୍ରକ୍ରିୟା ପରେ ତହସିଲଦାର ସଂଗୀତା ସେଣ, ଅତିରିକ୍ତ ତହସିଲଦାର ଅମରେଶ ସାବତ , ବିଜ୍ଞାପିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠି ଙ୍କ ଦ୍ୱାରା ରଥ ଟଣାର ଶୁଭାରମ୍ଭ କରାଯାଇଥିଲା ।

**ନିମାପଡ଼ା, :** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ନିମାପଡ଼ା ପୌରାଂଚଳ ସମେତ ବିଭିନ୍ନ ଗ୍ରାମରେ କୁନିକୁନି ପିଲାମାନେ ରଥଯାତ୍ରାରେ ସାମିଲ ହୋଇ ପ୍ରସାଦ ବଣ୍ଟନ କରିବା ସହିତ ଜନସାଧାରଣଙ୍କ ସହିତ ଭାବ ବିନିମୟ ଆଦାନ ପ୍ରଦାନ କରିଥିବା ଲକ୍ଷ୍ୟ କରାଯାଇଥିଲା । ଶ୍ୟାମସୁନ୍ଦରପୁର, ଗୁଣ୍ଡିଚାବାଡ଼ି, ପତିତପାବନପାଟଣା, ଡ଼େଲଟା କଲୋନୀ, ଅମୁଣିଆପାଟଣା, ପାଟପୁର ଆଦି ଗ୍ରାମରେ କୁନିକୁନି ପିଲାଙ୍କ ଦ୍ୱାରା ରଥ ଟଣା କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ସାମିଲ ଥିବା ଦେଖିବାକୁ ମିଳିଥିଲା। ପତିତପାବନ ମନ୍ଦିର ପରିସରରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ମଧ୍ୟ ସଂଖ୍ୟାଧିକ ଜନସାଧାରଣ ସାମିଲ ଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଚଅଁରପଦା ଗ୍ରା.ପ. ସରପଞ୍ଚ ତପନ ମଲ୍ଲିକ, ସମିତି ସଭ୍ୟାଙ୍କ ପ୍ରତିନିଧି ଆର୍ତତ୍ରାଣ ରାଉତ, ଦୀପକ ସମେତ ଅନେକ ଯୁବ ବନ୍ଧୁମାନେ ଜୟଗୁରୁ ଆଶ୍ରମ ନିକଟରେ ସମସ୍ତ ଯାତ୍ରୀଙ୍କୁ ସାଧାପାଣି ବଂଟନ କରିଥିବା ଗ୍ରା.ପ. କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।




**ବୁଗୁଡା,:** ବୁଗୁଡ଼ାରେ ବାହୁଡ଼ା ଯାତ୍ରା ସମ୍ପର୍ଣ୍ଣ । ଭକ୍ତଙ୍କ ଗହଣରେ ରଥ ଟଣା ହୋଇଥିବା ବେଳେ ମଝିଦାଣ୍ଡରେ ରଥ ଅଟକିଛି । ଆଜି ଅପରାହ୍ନରେ ପୁରୋହିତ ସିମାଞ୍ଚଳ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହା ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ରବି ନାରାୟଣ ଦାଶଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ । ତାହା ପରେ ବଳଦେବ,ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର ଆଳତି କରାଯାଇ ପହଣ୍ଡି ବିଜେ ମାଧମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା । ରଥ ଉପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା । ଏହାପରେ ଭକ୍ତମାନେ ଉତ୍ସାହର ସହ ହରିବୋଲ , ହୁଳହୁଳି ପକାଇ ଠାକୁରଙ୍କ ରଥକୁ ଟାଣି ମଝିଦାଣ୍ଡରେ ପହଞ୍ଚାଇଥିଲେ । ରଥଯାତ୍ରା ପରିଚାଳନା କମିଟିର ସଦସ୍ୟଗଣ ଏବଂ ମନ୍ଦିରର ପୂଜକ, ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଓଲସିଂହ ଗ୍ରାମସ୍ଥ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ବାହୁଡ଼ା ରଥଯାତ୍ରା ବଡ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ପହଣ୍ଡି ବିଜେ ପରେ ସମାଜସେବୀ ଦେବରାଜ ବାରିସଲ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରୁଥିଲେ। ପରେ ରଥାରୂଢ଼ ପତିତପାବନ ମାଉସୀ ମା ମନ୍ଦିର ଠାରୁ ବାହାରି ଗ୍ରାମ ପରିଭ୍ରମଣ କରି ଗୁଣ୍ଡିଚା ମନ୍ଦିର ରେ ଯାଇ ପହଞ୍ଚିଥିଲେ। ଏହି ସମୟରେ ଅଞ୍ଚଳ ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଏକ ଭକ୍ତିମୟ ପରିବେଶ ମଧରେ ଭକ୍ତମାନେ ରଥକୁ ଟାଣି ଥିଲେ। ବେଦଚାର୍ଯ୍ୟ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଦେବନୀତି ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ ଯାତ୍ରାକୁ ଗ୍ରାମର ରଥ ଯାତ୍ରା କମିଟି ସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇ ପରିଚାଳନା କରିଥିଲେ। ଭାଗବତ ପରିଡା, ନାରାୟଣବୈରୀଗଞ୍ଜନ, ଦୁର୍ଯ୍ୟଧନ ବଳିୟାରସିଂହ, ଗୁଣନିଧି ଶତପଥୀ,ଦୁଃଖିଶ୍ୟାମ ମହାପାତ୍ର ମୁଖ୍ୟା ସହ ଯୋଗୀଥିଲେ। ପୋଲିସ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସହଯୋଗ କରିଥିଲେ।

**ଭାପୁର:** ନୟାଗଡ ଜିଲ୍ଲା ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାପୁର, ପଦ୍ମାବତୀ, ଗୋଳାପୋଖରି, ମିଟୁଆଣି ଆଦି ବିଭିନ୍ନ ଗ୍ରାମରେ ରଥାଟଣା ହେବା ସହ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦୀରୁ ରତ୍ନବେଦୀ ଅର୍ଥାତ୍ ଶ୍ରୀମନ୍ଦିର ପରିସରକୁ ଫେରିଛନ୍ତି। ଆଜି ଅପରାହ୍ନରେ ଭାପୁର ବ୍ଲକ ସଦର ମହକୁମାସ୍ଥିତ ଶ୍ରୀ ରାମମନ୍ଦିର ପରିସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ନିତିକାନ୍ତି ସରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ରଥଟଣା ହୋଇ ସନ୍ଧ୍ୟାରେ ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ଅବସରରେ, ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ଚତୁର୍ଦ୍ଧାମୂର୍ତ୍ତିଙ୍କର ଆର୍ଶୀବାଦ ଭିକ୍ଷା କରିବା ସହ ଉପସ୍ଥିତ ଥିବା ଭକ୍ତ ମାନଙ୍କୁ ଉତ୍ସାହିତ କରିଥିଲେ। ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଉପସ୍ଥିତ ରହିଥିବାବେଳେ ମେଡିକାଲ ଟିମ୍, ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବାହିନୀ ଉପସ୍ଥିତ ରହିଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ସ୍ଥିତ ପାବନଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ତିନି ଠାକୁରଙ୍କ ବାହୁଡ଼ା ରଥଯାତ୍ରା ମହାସମାରୋହରେ ବହୁ ଭକ୍ତଙ୍କ ସମାବେଶରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶ୍ରୀକ୍ଷେତ୍ର ରୀତି ଅନୁକ୍ରମେ ବାହୁଡ଼ା ରଥଯାତ୍ରା କାଳୀନ ନୀତି ମଙ୍ଗଳଆଳତି, ଖେଚୁଡ଼ିଭୋଗ, ମଙ୍ଗଳାଚରଣ, ସେନାପଟଲାଗି, ଟାହ୍ୟାଲାଗି ଆଦି ପରେ ଶ୍ରୀଜୀଉ ମାନଙ୍କ ପହଣ୍ଡି ମଧାହ୍ନ ପ୍ରାୟ ୧୨ ଟାରେ ଆରମ୍ଭ ହୋଇଥିଲା । ଛତ୍ରୀଚାମର ଆଲଟ ସେବା ସହ ଘଣ୍ଟୁଆ ମାନଙ୍କ ଘଣ୍ଟ ଧ୍ୱନି ହରିବୋଲ, ହୁଳହୁଳି ଓ ବିଭିନ୍ନ ବାଦ୍ୟ ବାଜଣା ପଟୁଆରରେ ଦିଅଁ ମାନଙ୍କୁ ରଥାରୂଢ଼ କରାଯାଇଥିଲା । ରଥ ଉପରେ ଦିଅଁମାନଙ୍କୁ ସୁବେଶ କରାଯିବା ପରେ କର୍ପୁର ଆଳତି ହୋଇଥିଲା ଏବଂ ଭକ୍ତମାନେ ଭୋଗ ଅର୍ପଣ କରିଥିଲେ । ଅପରାହ୍ନ ପ୍ରାୟ ୪ଟାରେ ସେବାଧିପତି ସେବକ ଜଗନ୍ନାଥ ସାହୁ ରଥରେ ଛେରା ପହଁରା କରିଥିଲେ । ମୁଖ୍ୟ ପୂଜକ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସ୍ୱୀକୃତି ମିଳିବା ପରେ ରଥରେ



ସାରଥି ଓ ଚାରି ଅଶ୍ୱ ସ୍ଥାପନ କରାଯାଇ ରଥ ଟଣା ଦଉଡ଼ି ଯୋଛା ଯାଇଥିଲା । ଅପରାହ୍ନ ପ୍ରାୟ ସାଢେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ପୌର କାର୍ଯ୍ୟ ନିର୍ବାହୀ ଭାରପ୍ରାପ୍ତ ଅଧିକାରୀ ସୁରଜ ନାୟକ ବେହେରା, ଥାନା ଆଇଆଇସି ଶ୍ରୀନିବାସ ସେଠି ପ୍ରମୁଖ ଯୋଗଦେଇ ରଥଟଣା କାର୍ଯ୍ୟର ଶୁଭାରମ୍ଭ କରିଥିଲେ ।










ଆଡପ ମଣ୍ଡପରୁ ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ(୧,୨,୩), (୪) ଶରଧାବାଲିରେ ଭକ୍ତ, (୫) ଉପମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ଅନ୍ୟମାନେ, (୬)ରଥ ଆଗରେ ଶ୍ରଦ୍ଧାଳୁ ନୃତ୍ୟାଙ୍ଗନାଙ୍କ ପ୍ରଦର୍ଶନ, (୭) ଭୁବନେଶ୍ୱରରେ ଇସ୍କନ ରଥଯାତ୍ରା ।

# ସୁନା ଅଳଙ୍କାର ଲୁଟ୍ ଘଟଣା : ସମୁଦାୟ ୬ ଗିରଫ




କେନ୍ଦୁଝର, ୫।୭: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ମୁଖ୍ୟ ବଜାର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖା ତଳେ ଥିବା ନାରାୟଣ ଜୁଏଲାରୀରୁ ଲୁଟ୍ ଘଟଣାରେ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୂର୍ବରୁ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଅଭିଯୁକ୍ତଙ୍କ ନିକଟରୁ କିଛି ପରିମାଣର ସୁନା ଓ ରୁପା ଅଳଙ୍କାର ସମେତ ୩ ମୋବାଇଲ ଓ ୩ ବାଇକ୍ ଜବତ କରାଯାଇଥିବା ଏସଡ଼ିପିଓ ବିଜୟ କୃଷ୍ଣ ମହାପାତ୍ର ଓ ହରିଚନ୍ଦନପୁର ଥାନା ଆଇଆଇସି ଦେବକୀ ନାଏକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଜୁନ ୨୫ ତାରିଖ ସନ୍ଧ୍ୟା ୬ଟା ୪୫ ମିନିଟ୍ ସମୟରେ ୪ ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ଯୋଗେ ଆସି ଦୋକାନରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଥମେ ମାରଣାସ୍ତ୍ର ଦେଖାଇବା ସହିତ ଦୁଇ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରି ଦୋକାନୀଙ୍କୁ ଆକ୍ରମଣ କରି ଲୁଟି ନେଇଥିଲେ ପାଖାପାଖି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର । ସଙ୍ଗେ ସଙ୍ଗେ ପୋଲିସ ପହଞ୍ଚି ଘଟଣାକୁ ଗୁରୁତର ସହ ସମଗ୍ର ଅଞ୍ଚଳକୁ ନାକାବନ୍ଦୀ କରି ତଦନ୍ତ ଚଳାଇଥିଲା । ପାଖାପାଖି ୧୦ ଦିନ ତନାଘନା କରି ଗତ ୧ ଜୁଲାଇରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶନିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ୬ ଅଭିଯୁକ୍ତ ମଧ୍ୟରୁ ୩ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ବିକି ପାତ୍ର, ଜଗୁ ପାତ୍ର ଓ ଅଜିତ୍ ପଟ୍ଟନାୟକ ଏବଂ କଟକ ଜିଲ୍ଲାର ଜଗନ୍ନାଥ ଘଡ଼େଇ, ଯାଜପୁର ଜିଲ୍ଲାରୁ ଇନ୍ଦ୍ରମଣି ମହାନ୍ତ ଓ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଥାନା ବାଇଲବେଡା ଗ୍ରାମର ବୁଦ୍ଧଦେବ ମହାନ୍ତ ବୋଲି ପୋଲିସ ସୂଚନା ଦେଇଛି।

# ଜିନ୍ଦଲ ନଗରରେ ସମ୍ପନ୍ନ ହେଲା ବାହୁଡ଼ା ଯାତ୍ରା

ଅନୁଗୁଳ,୫।୭(ନିପ୍ର): ଦେବଭୂମି ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ବେଶ ଆଧାତ୍ମିକ ଓ ଭକ୍ତି ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତୀ, ବଡ଼ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନ ଗୁଣ୍ଡିଚା ମନ୍ଦିରରୁ ଦେବଭୂମି ସ୍ଥିତ ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବଚିତ ହୋଇଥିବା ସାଂସଦ ନବୀନ ଜିନ୍ଦଲଙ୍କ ପତ୍ନୀ ଶ୍ରୀମତି ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ଛେରାପହଁରା ଓ ପହଣ୍ଡି ନୀତି ତୁଲାଇ ଥିଲେ । ଏହା ପୂର୍ବରୁ ବଡ଼ି ଭୋର ୫ଟା ସମୟରେ ମନ୍ଦିରର ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆରତୀ, ମଇଲମ, ତଡ଼ପ ଲାଗି, ଅବକାଶ ନୀତି ଏବଂ ଅନ୍ୟାନ୍ୟ ନୀତିକାନ୍ତି ମନ୍ଦିରର ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ବାହୁଡ଼ା ଯାତ୍ରା ଅବସରରେ ଜିନ୍ଦଲ ନଗର ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମ ଗୁଡ଼ିକରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଭକ୍ତମାନେ ଶ୍ରୀ ଜଗନ୍ନାଥ,ଭଉଣୀ ସୁଭଦ୍ରା ଏବଂ ବଡ ଭାଇ ବଳଭଦ୍ରଙ୍କ ରଥ ଗୁଡ଼ିକୁ ଉତ୍ସାହ ଉଦ୍ଦୀପନାର ସହ ଟାଣି ଥିଲେ। ଚତୁର୍ଦ୍ଧାମୂର୍ତ୍ତୀ ଆସନ୍ତା ତିନି ଦିନ ଯାଏ ରଥ ଉପରେ ରହିବେ । ରବିବାର, ସୋମବାର ଓ ମଙ୍ଗଳବାର ଯଥାକ୍ରମେ ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ । ଏହି ତିନି ଦିନ ଧରି ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ଓ ଆର୍ଶୀବାଦ ଲାଭ କରିପାରିବେ।



ଭୁବନେଶ୍ୱର: ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପଦକ୍ଷେପ ସମୂହକୁ ଉତ୍ତର ପ୍ରଦେଶ ସରକାର ପଦାଧିକାରୀମାନଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା । (ଫଟୋ-ଦିନଲିପି)




# ବାଲେଶ୍ୱରକୁ ମହାନଗର ନିଗମ କରିବା ପାଇଁ ଲେଖାଶ୍ରୀଙ୍କ ଦାବି

ଭୁବନେଶ୍ୱର,୫।୭(ନିପ୍ର): ବାଲେଶ୍ୱରକୁ ମହାନଗର ନିଗମ ଘୋଷଣା କରିବାକୁ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି। ସେ କହିଛନ୍ତି ବହୁତ ଆଗରୁ ଆମେ କହିଛୁ। ଆଗରୁ ବିଜେଡି ପ୍ରଚେଷ୍ଟା ଜାରି ରଖିଥିଲା। ଅର୍ବାନ ରୁରାଲ ଟ୍ରାନଜିଷ୍ଟ ପଲିସୀ ଅନ୍ତର୍ଗତ ଯେଉଁ ସୁବିଧା ମୁନିସିପାଲିଟି ଅଂଚଳକୁ ମିଳୁଛି ସେ ସୁବିଧା ତାର ଆଖପାଖ ୧୫ ଟି ପଂଚାୟତ ଲୋକ ପାଆନ୍ତୁ । ଭିତି ଭୂମି, ଡ୍ରେନେଜ, ସୌନ୍ଦର୍ଯ୍ୟକରଣ ଆଲୋକୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ମଧ୍ୟ ମିଳିବା ଦରକାର। ନିର୍ବାଚନ ପୂର୍ବରୁ ଆମେ ଚେଷ୍ଟା କରିଥିଲୁ ଆଜି ବି କହୁଛୁ ବାଲେଶ୍ୱର ମହାନଗର ନିଗମ ହେବା କଥା।

# ଆଜି ଖୋଲିବ ହୀରାକୁଦ ଗେଟ୍

ସମ୍ବଲପୁର,୫।୭: ରବିବାର ଖୋଲିବ ହୀରାକୁଦର ଗେଟ୍ । କଲମା ଗେଟ ଖୋଲିବାରୁ ଜଳସ୍ତର ବଢ଼ିଛି । ପୂଜାର୍ଚ୍ଚନା ପରେ ହୀରାକୁଦର ୬ଟି ଗେଟ୍ ଖୋଲାଯିବ । ଗେଟ ଖୋଲାଯିବା ନେଇ ସର୍ବୋଚ୍ଚ ଯନ୍ତ୍ରୀ ସୁଶୀଲ ବେହେରାଙ୍କ ସୂଚନା ଦେଇଛନ୍ତି। ପରେ ନଦୀର ଜଳସ୍ତର ଦେଖି ନିଷ୍କାସନ ନିଷ୍ପତ୍ତି ନିଆଯିବ। ତେବେ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉନଥିବାରୁ ଚଳିତ ବର୍ଷ ଶୀଘ୍ର ଗେଟ୍ ଖୋଲିବ । ଗେଟ ଖୋଲିବା ନେଇ ସୂଚନା ଦେଲେ ହୀରାକୁଦ ମୁଖ୍ୟ ଯନ୍ତ୍ରୀ ଶ୍ରୀ ବେହେରା । ସକାଳ ୧୦ଟାରେ ପୂଜାର୍ଚ୍ଚନା ପରେ ଗେଟ୍ ଖୋଲାଯିବ । ହୀରାକୁଦ ତଳ ମୁଣ୍ଡର ଜନସାଧାରଣଙ୍କୁ ସେହି ସମୟରେ ମହାନଦୀକୁ ନ ଯିବାପାଇଁ ସତର୍କ କଲେ କର୍ତ୍ତୃପକ୍ଷ ।

## ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର

# ପ୍ରସ୍ତୁତି ନିମନ୍ତେ କମିଟି ଗଠନ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୭(ନିପ୍ର)ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସଂପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ତୋଳିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରୀ ଠାରେ ଏକ ବିଶ୍ୱ ସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସଂପୃକ୍ତ ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିଛନ୍ତି। ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମିତ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ



ଭୁବନେଶ୍ୱର,୫।୭(ନିପ୍ର): ଦୀର୍ଘ ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା । ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ । ଶ୍ରୀବାଣୀକ୍ଷେତ୍ରର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ